

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୩ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 13 July 2024

Vol.No. 35 ■ No.187 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୫୦ ହଜାର ଲାଞ୍ଚ ନେଇ ଗିରଫ ହେଲେ ଯୋଗାଣ ଅଧିକାରୀ

ବଲାଙ୍ଗିର, ୧୨/୭ (ନି.ପ୍ର): ଲାଞ୍ଚ ନେଉଥିଲେ ଯୋଗାଣ ଅଧିକାରୀ। ମାଡ଼ିବସିଲା ଭିଜିଲାନ୍ସ ବିଭାଗ। ବଲାଙ୍ଗିର ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଭାକର ପାତ୍ର ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗିରଫ ହୋଇଛନ୍ତି। ସରକାରୀ କାର୍ଯ୍ୟାଳୟରୁ ତାଙ୍କୁ ଗିରଫ କରିଛି ଭିଜିଲାନ୍ସ ବିଭାଗ। ବଲାଙ୍ଗିର ଜିଲ୍ଲା ତୁଷୁରାର ଜଣେ ରାଇସ ମିଲ୍ ମାଲିକ ଆଶିଷ କୁମାର ଶର୍ମାଙ୍କଠାରୁ ପଚାଶ ହଜାର ଟଙ୍କା ଲାଞ୍ଚ ନେଉଥିଲେ ଯୋଗାଣ ଅଧିକାରୀ ପ୍ରଭାକର ପାତ୍ର। ପୂର୍ବ ଯୋଜନା ଅନୁସାରେ ସମ୍ବଲପୁର, ସୋନପୁର ଓ ବଲାଙ୍ଗିର ଭିଜିଲାନ୍ସ ବିଭାଗ ମାଡ଼ିବସିଥିଲା। ଗିରଫ ପ୍ରଭାକର ପାତ୍ରଙ୍କୁ ଠାରୁ ଲାଞ୍ଚ ଟଙ୍କା ଜବତ ହୋଇଛି। ଏହାପରେ ତାଙ୍କ ବଲାଙ୍ଗିର ସାଲେପାଲିଠାରେ ଥିବା ଘର ଓ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ କରାଯାଇଛି।

# ଜୁନ ୨୫ ଏଣିକି 'ସମ୍ବିଧାନ ହତ୍ୟା ଦିବସ'



ନୂଆଦିଲ୍ଲୀ, ୧୨/୭ : ୧୯୭୫ ମସିହା ଜୁନ ୨୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଦେଶରେ ଏମର୍ଜେନ୍ସି ଲାଗୁ କରିଥିଲେ। ଏହା ଗଣତନ୍ତ୍ର ଉପରେ ଆକ୍ରମଣ ଥିଲା ବୋଲି କହି ଜୁନ ୨୫କୁ ସମ୍ବିଧାନ ହତ୍ୟା ଦିବସ ଭାବେ ପାଳନ କରାଯିବ ବୋଲି ଶ୍ରୀ ଶାହ କହିଛନ୍ତି। ଏଣିକି ପ୍ରତିବର୍ଷ ଜୁନ ୨୫କୁ ଦେଶରେ ସମ୍ବିଧାନ ହତ୍ୟା ଦିବସ ଭାବେ ପାଳନ କରାଯିବ। ଏ ସମ୍ପର୍କରେ ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହ ଘୋଷଣା କରିଛନ୍ତି। ଏଥିସହ ଏନେଇ ଭାରତ ସରକାରଙ୍କ ପକ୍ଷରୁ ଗୋଟିଏ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୭୫ ମସିହା ଜୁନ ୨୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଦେଶରେ ଏମର୍ଜେନ୍ସି ଲାଗୁ କରିଥିଲେ। ଏହା ଗଣତନ୍ତ୍ର ଉପରେ ଆକ୍ରମଣ ଥିଲା ବୋଲି କହି ଜୁନ ୨୫କୁ ସମ୍ବିଧାନ ହତ୍ୟା ଦିବସ ଭାବେ ପାଳନ କରାଯିବ ବୋଲି ଶ୍ରୀ ଶାହ କହିଛନ୍ତି। ସେ ଏ ସମ୍ପର୍କରେ ଏକ୍ସରେ ଉଲ୍ଲେଖ କରି କହିଛନ୍ତି ଯେ "୧୯୭୫ ମସିହା ଜୁନ ୨୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଏକଛତ୍ରବାଦୀ ମାନସିକତାକୁ ପ୍ରଦର୍ଶିତ କରି ଦେଶରେ ଜରୁରିକାଳୀନ ପରିସ୍ଥିତି ଲାଗୁ କରିଥିଲେ। ସେ ଏପରି କରି ଭାରତୀୟ ଗଣତନ୍ତ୍ରର ଆତ୍ମାର ତଣ୍ଟି ଚିପି ଦେଇଥିଲେ। ଲକ୍ଷଲକ୍ଷ ଲୋକଙ୍କୁ ଜେଲରେ ଭର୍ତ୍ତି କରାଯାଇଥିଲା ଓ ମିଡିଆର ସ୍ୱରକୁ ଚାପି ଦିଆଯାଇ ଯାଇଥିଲା। ଏଥିପାଇଁ ଭାରତ ସରକାର ପ୍ରତିବର୍ଷ ଜୁନ ୨୫କୁ ସମ୍ବିଧାନ ହତ୍ୟା ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୧୯୯୭୫ ମସିହାର ଜରୁରିକାଳୀନ ପରିସ୍ଥିତି ଭଳି ଅମାନବୀୟ ଯନ୍ତ୍ରଣାକୁ ଯେଉଁମାନେ ସହ୍ୟ କରିଥିଲେ ସେମାନଙ୍କ ବିରାଟ ଯୋଗଦାନକୁ ଏହା ସ୍ମରଣ କରାଇବ। ଏକଛତ୍ରବାଦୀ ସରକାରର ଅସଂଖ୍ୟ ଯାତନା ଓ ଉତ୍ପୀଡ଼ନର ସାମ୍ନା କରିବା ସତ୍ତ୍ୱେ ଲୋକତନ୍ତ୍ରକୁ ପୁନର୍ଜିବିତ କରିବାକୁ ସଂଘର୍ଷ କରୁଥିବା ଲୋକଙ୍କ ସମ୍ମାନ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଏପରି ନିଷ୍ପତ୍ତି ନିଆଯାଇଛି। ସମ୍ବିଧାନ ହତ୍ୟା ଦିବସ ପ୍ରତ୍ୟେକ ଭାରତୀୟଙ୍କ ଭିତରେ ଥିବା ଲୋକତନ୍ତ୍ରର ସୁରକ୍ଷା ଓ ବ୍ୟକ୍ତିଗତ ସ୍ୱତନ୍ତ୍ରତାର ଅମର ଜ୍ୟୋତିକୁ ଜୀବିତ ରଖିବାରେ କାମ କରିବ। ଏହାଦ୍ୱାରା କଂଗ୍ରେସ ଭଳି କୌଣସି ଏକଛତ୍ରବାଦୀ ମାନସିକତା ଭବିଷ୍ୟତରେ ଏପରି କାମର ପୁନରାବୃତ୍ତି ଆଉ କରିପାରିବେ ନାହିଁ।" ବିଜେପି ସମ୍ବିଧାନକୁ ବଦଳାଇବାକୁ ଚେଷ୍ଟା କରୁଥିବା କଂଗ୍ରେସ ଓ ବିରୋଧୀ ଦଳ ଗୁଡ଼ିକ କହି ଆସୁଛନ୍ତି। ହେଲେ ବିଜେପି ଏବେ ଏହାକୁ କାଉଣ୍ଟର କରିବା ପାଇଁ ସମ୍ବିଧାନ ହତ୍ୟା ଦିବସ ପାଳନ କରିବାକୁ ଘୋଷଣା କରିଛି। ବିରୋଧୀ ଏପରି ଘୋଷଣାକୁ ବିରୋଧ କରିଛନ୍ତି। ଏବେ ଦେଶରେ ଅଘୋଷିତ ଏମର୍ଜେନ୍ସି ଲାଗୁ ହୋଇଥିବା ସେମାନେ କହିଛନ୍ତି।

## ରୋକ୍‌ଠୋକ୍ ଶୁଣାଇଦେଲେ ମୁଖ୍ୟପ୍ରଶାସକ: ବିଶୃଙ୍ଖଳାକୁ ବରଦାସ୍ତ କରାଯିବନି

ପୁରୀ, ୧୨/୭ (ନି.ପ୍ର): ଶ୍ରୀମନ୍ଦିରର ନୂଆ ମୁଖ୍ୟ ପ୍ରଶାସକ ଭାବେ ଡକ୍ଟର ଅରବିନ୍ଦ ପାଢ଼ୀ ଦାୟିତ୍ୱ ନେବା ପରେ ଆଜି ଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଛନ୍ତି। ଏଥିସହ ଠାକୁରଙ୍କ ନୀତିକାନ୍ତିରେ କୌଣସି ପ୍ରକାର ବିଶୃଙ୍ଖଳା ହେଲେ ବରଦାସ୍ତ କରାଯିବନି ବୋଲି ସଫା ସଫା ଚେତାବନୀ ଦେଇଛନ୍ତି। ତା'ସହ କହିଛନ୍ତି, ଆଡ଼ପ ପହଣ୍ଡିବେଳେ



ମହାପ୍ରଭୁ ବଳଭଦ୍ର ଚାରମାଳ ଉପରେ ଖସିପଡ଼ିବା ଘଟଣାର ଯେପରି ଆଉ ପୁନରାବୃତ୍ତି ନଘଟେ, ସେଥିପ୍ରତି ଧ୍ୟାନ ଦିଆଯିବ। ଯିଏ ବିଶୃଙ୍ଖଳା ଆଚରଣ କରିବ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ସେବା ସହ ଜଡ଼ିତ ନଥିବା କୌଣସି ବ୍ୟକ୍ତି ରଥ ଉପରକୁ ଯାଇ ପାରିବେନି। ଏମିତିକି ରଥ ଉପରେ କେହି ମୋବାଇଲ୍ ବ୍ୟବହାର କରିପାରିବେ ନାହିଁ ବୋଲି ସ୍ପଷ୍ଟ ଭାବେ ଶୁଣାଇଛନ୍ତି ମୁଖ୍ୟ ପ୍ରଶାସକ। ତେବେ ନବନିଯୁକ୍ତ ମୁଖ୍ୟ ପ୍ରଶାସକ ଭାବେ ତାଙ୍କ ପାଇଁ ଆଗକୁ ଆସୁଛି ଅନେକ ଚ୍ୟାଲେଞ୍ଜ। ମୁଣ୍ଡ ଉପରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା, ସୁନାବେଶ ▶▶ପୃଷ୍ଠା ୭

## ବାପାର ବୋମା ମାଡ଼ରେ ପୁଅ ମୃତ

ଖୋର୍ଦ୍ଧା , ୧୨/୭ (ନି.ପ୍ର): ବାପାର ବୋମା ମାଡ଼ରେ ସାନ ପୁଅର ମୃତ୍ୟୁ ଘଟିଛି। ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ସାହାସପୁର ଶାନ୍ତିନଗରରେ ଏହି ଘଟଣା ଘଟିଛି। ମୃତ ବ୍ୟକ୍ତି ଜଣଙ୍କ ଦିବ୍ୟସିଂହ ରାଉତରାୟ। ବାପା ଶଠ ରାଉତରାୟ ଓ ବଡ଼ ପୁଅ ସୁବାଷ ରାଉତରାୟଙ୍କୁ ପୁଲିସ ଅଟକ ରଖିଛି। ଜମିବାଡ଼ିକୁ ନେଇ ସୁବାଷ ସହ ତାଙ୍କ ବପାଙ୍କର ବିବାଦ ଲାଗିଥିଲା। ଆଜି ଶଠ ଓ ତାଙ୍କ ସାନ ପୁଅ ଦିବ୍ୟସିଂହ ବଡ଼ ପୁଅକୁ ହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ। ଏଥିପାଇଁ ବଡ଼ ପୁଅ ଘର ଉପରକୁ ବୋମାମାଡ଼ କରିଥିଲେ। କିନ୍ତୁ ବୋମାଟି ଘର ଗ୍ରୀଲ ଉପରେ ବାଜି ଛିଟିକି ଆସି ସାନପୁଅ ଦେହରେ ବାଜିଥିଲା। ଘଟଣା ସ୍ଥଳରେ ହିଁ ସାନପୁଅ ଦିବ୍ୟସିଂହଙ୍କର ମୃତ୍ୟୁ ହୋଇଥିଲା। ବୋମାମାଡ଼ରେ ବଡ଼ପୁଅ ସାମାନ୍ୟ ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ପୁଲିସ ଏକ ଦେଶୀ ବନ୍ଧୁକ ଜବତ କରିଛି। । ଜମିବାଡ଼ି ବିବାଦକୁ ନେଇ ଏହି ଘଟଣା ଘଟିଥିବା ଜଣାଯାଇଛି। ପୁଲିସ ବାପା ଓ ବଡ଼ ପୁଅକୁ ଅଟକ ରଖି ପଚରାଉଚରା କରୁଛି।

## ବିଜେଡି ନେତାଙ୍କ ମୁହଁରେ ଢୋଲ ଭିତରେ ମୂଷା ଉପାଖ୍ୟାନ



ଭୁବନେଶ୍ୱର, ୧୨/୭ (ନି.ପ୍ର): ପୁଣି ବିଜେଡି ନେତାଙ୍କ ମୁହଁରେ ଢୋଲ ଭିତରେ ମୂଷା ଉପାଖ୍ୟାନ। ବିଜେଡି ହିଁ ବିଜେଡିକୁ ହରାଇଛି। ବିଭିନ୍ନ ଜାଗାରେ ମୂଷା ଥିଲେ। ବହୁତ କ୍ଷେତ୍ରରେ ବିଜେଡି ଲୋକ ବିଜେଡିକୁ ହରାଇଛନ୍ତି ବୋଲି ବରିଷ୍ଠ ବିଜେଡି ନେତା ନୃସିଂହ ଚରଣ ସାହୁ କହିଛନ୍ତି। ଗଣମାଧ୍ୟମକୁ ଶ୍ରୀ ସାହୁ କହିଛନ୍ତି, ବିଜେଡି ନେତାମାନେ ଭୋଟ ପଛରେ ନଲାଗି ବିଜେଡି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଲାଗିଲେ। ସେମାନଙ୍କ ପଛରେ ବିଜେପି କର୍ମୀମାନେ ରହିଲେ। ବିଜେଡି ହାରିବାର ଏହା ଗୋଟିଏ ଫ୍ୟାକ୍ଟର। ସେପଟେ ଦେଖିବାକୁ ଗଲେ ବେଶୀ ଦିନ କ୍ଷମତାରେ ରହିଲେ ଟିକେ ଅଳସୁଆ, ମନମୁଖୀ, ଦିଗହରା, ଖାମ୍‌ଖିଆଲ ହେଇଯାଇଥିଲେ। ଆମେ ତ ଜିତୁଛୁ, ଜିତିବୁ। ଓଭର କନ୍‌ଫିଡେଣ୍ଟ ପାଇଁ ବିଜେଡି ହାରିଲା ବୋଲି ସେ କହିଛନ୍ତି। ଶ୍ରୀ ସାହୁ ଆହୁରି କହିଛନ୍ତି, ଲୋକମତ ଆମ ବିରୋଧରେ ଗଲା, ଆମେ ହାରିଲୁ। ଆମକୁ ବିରୋଧୀ ଦଳରେ ବସାଇବା ପାଇଁ ଲୋକମାନେ ନିଷ୍ପତ୍ତି ନେଲେ। ତେଣୁ କିଏ କାହାକୁ ଦୋଷ ଦେଉଛି, ତାହା ଭିନ୍ନ କଥା। କିନ୍ତୁ ଦଳ ଆଗକୁ ବଢ଼ିବ। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟଧାରାକୁ ଆଗକୁ ନିଆଯାଉଛି ବୋଲି ସେ କହିଛନ୍ତି। ବିଜେପିକୁ ଟାର୍ଗେଟ କରି ନୃସିଂହ ଚରଣ ସାହୁ କହିଛନ୍ତି, ବିଜେପି ସରକାର ଆସିବାକୁ ମାସେ ହେଲାଣି। ହେଲେ ▶▶ପୃଷ୍ଠା ୭

## ମୋହନ ସରକାରର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍ ପାଇଁ କସରତ

ଭୁବନେଶ୍ୱର, ୧୧/୭ (ନି.ପ୍ର): ବିଜେପି ସରକାରର ପ୍ରଥମ ବଜେଟ୍ ପାଇଁ ଲୋକସେବା ଭବନରେ ଆଜି ବସିଥିଲା ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ। ଯେଉଁଥିରେ ଯୋଗ ଦେଇଥିଲେ ପୂର୍ବତନ ଅର୍ଥମନ୍ତ୍ରୀ, ଅର୍ଥ ସଚିବ ଓ ଅର୍ଥନୀତି ବିଶାରଦଙ୍କ ସମେତ ମୋଟ ୧୫୦ରୁ ଅଧିକ ଅଂଶୀଦାର। ଫୋକସରେ ନିର୍ବାଚନୀ ପ୍ରତିଶ୍ରୁତି। ଏଥିପାଇଁ ନୂଆ ଯୋଜନା ଆଣିଲେ, ସରକାରଙ୍କୁ କେତେ ବୋଝ ସହିବାକୁ ପଡ଼ିବ? ଏଥିପାଇଁ କେଉଁଠୁ ଅର୍ଥ ଆସିବ ? ସେନେଇ ମଧ ବିଶେଷଜ୍ଞଙ୍କ ମତାମତ ନିଆଯାଇଛି। ପ୍ରାକ୍ ବଜେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଆସନ୍ତା ୨୫ରେ ବିଧାନସଭାରେ ଆଗତ ହେବାକୁ ଥିବା ଇଔଚ





ସରକାରର ପ୍ରଥମ ବଜେଟ୍ ଯେପରି ବାସ୍ତବରେ ଲୋକଙ୍କ ବଜେଟ୍ ହେବ, ଲୋକଙ୍କ ଆଶା ଆକାଂକ୍ଷାକୁ ପ୍ରତିଫଳିତ କରିବ, ସେଥିପାଇଁ ବୈଠକରେ ଆଲୋଚନା ହୋଇଛି। ରାଜ୍ୟରେ ୨୪ ବର୍ଷ ପରେ ସତ୍ତା ପରିବର୍ତ୍ତନ ହୋଇଛି। ଅନେକ ନିର୍ବାଚନୀ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛି ନୂଆ ସରକାର। ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କାର ଭାଉଚର, ଧାନ ଗଝଟ ୩୧ଶହ ଟଙ୍କାକୁ ବୃଦ୍ଧି ଆଉ ସବୁଠୁ ବଡ଼ କଥା ହେଲା, ବର୍ଷ ବର୍ଷ ଧରି ଅପେକ୍ଷା କରି ରହିଥିବା ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ସେମାନଙ୍କ କଷ୍ଟାର୍ଜିତ ଜମା ଟଙ୍କା ଫେରାଇବା। ଏହି ୩ ଲୋକାଭିମୁଖୀ ଯୋଜନା ପ୍ରଚଳନ ବିଜେପି ସରକାର ପାଇଁ ଚାଲେଞ୍ଜ ହୋଇପାରେ। କାରଣ ବିଶେଷଜ୍ଞଙ୍କ ମତ, ପୂର୍ବର ନବୀନ ସରକାର ନିଜର ▶▶ପୃଷ୍ଠା ୭

## ରାଜଧାନୀର ବାର୍ ମାଲିକଙ୍କୁ ଚେତାବନୀ ଦେଲା ଅବକାରୀ ବିଭାଗ

ଭୁବନେଶ୍ୱର, ୧୨/୭ (ନି.ପ୍ର): ବାର୍ ମାଲିକଙ୍କୁ ଅବକାରୀ ବିଭାଗର ଚେତାବନୀ। ନିୟମ ଉଲଙ୍ଘନ କଲେ ନିଆ ଯିବ କଡ଼ା କାର୍ଯ୍ୟାନୁଷ୍ଠାନ। ରଦ୍ଦ ହେବ ବାର୍ ଲାଇସେନ୍ସ। ଭୁବନେଶ୍ୱର ବାର୍ ଗୁଡ଼ିକ ନିୟମ ଉଲଂଘନ କରୁଥିବାର ଅଭିଯୋଗ ପରେ ଅବକାରୀ ବିଭାଗ ପକ୍ଷରୁ ବାହାର ଜିଲ୍ଲାର ଅବକାରୀ ଅଧିକାରୀଙ୍କୁ ଡାକି ଭୁବନେଶ୍ୱରର ସମସ୍ତ ବାରରେ ଚଢାଉ କରାଯିବା ସହ ତନଖି କରାଯାଇଥିଲା। ଏହି ଚଢ଼ାଉ ବେଳେ ଦୁଇଟି ବାର୍ ନିୟମ ଉଲ୍ଲଂଘନ କରିଥିବା ଦେଖିବାକୁ ମିଳିଛି। ସେହି ବାର୍ ଗୁଡ଼ିକ ଉପରେ ▶▶ପୃଷ୍ଠା ୭

## ୨୫ ଯାଏ ବିଚାର ବିଭାଗୀୟ ହାଜତକୁ ଗଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୧୨/୭ : ଇଡି କେସ୍‌ରେ ଅନ୍ତରୀଣ ଜାମିନ ପାଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ସିବିଆଇ ମାମଲାରେ ଝଟକା ଲାଗିଛି। ଆଜି ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ କେଜ୍ରିୱାଲଙ୍କ ବିଚାର ବିଭାଗୀୟ ହାଜତ ଅବଧିକୁ ୨୫ ଯାଏ ବୃଦ୍ଧି କରିଛନ୍ତି। ଅବକାରୀ ନୀତି ଦୁର୍ନୀତି ମାମଲାରେ ସିବିଆଇ ରୁଜୁ କରିଥିବା ମାମଲାରେ କୋର୍ଟ ଏପରି ନିଷ୍ପତ୍ତି ନେଇଛନ୍ତି। ଆଜିର ଶୁଣାଣି ବେଳେ ତିହାର ଜେଲରୁ କେଜ୍ରିୱାଲ ▶▶ପୃଷ୍ଠା ୭

## ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ୨ ଆଇପିଏସଙ୍କ ନାଁରେ ହତ୍ୟା ଉଦ୍ୟମ: ମାମଲା ରୁଜୁ



ନୂଆଦିଲ୍ଲୀ, ୧୨/୭ : ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ୱାଇଏସଆର କଂଗ୍ରେସର ମୁଖ୍ୟ ଜଗନ ମୋହନ ରେଡ୍ଡୀ ଓ ଅନ୍ୟ ୪ ଜଣଙ୍କ ବିରୋଧରେ ରୁଜୁ ହୋଇଛି ହତ୍ୟା ଉଦ୍ୟମ ମାମଲା। ଗୁଣ୍ଟୁର ଜିଲ୍ଲା ନଗରାମପାଲେମ ପୁଲିସ୍ ପକ୍ଷରୁ ଏପରି ମାମଲା ରୁଜୁ କରାଯାଇଛି। ଜଗନଙ୍କ ବ୍ୟତୀତ ପୂର୍ବତନ ପୁଲିସ୍ ମହାନିର୍ଦ୍ଦେଶକ(ଗୁଇନ୍ଦା ବିଭାଗ) ପିଏସ୍‌ଆର ଅଞ୍ଜନୟୁଲୁ, ସିଆଇଡିର ପୂର୍ବତନ ଅତିରିକ୍ତ ଏସ୍‌ପି ସୁନୀଲ କୁମାର ଓ ଗୁଣ୍ଟୁର ଜେନାଲରାଲ ହସ୍ପିଟାଲର ପୂର୍ବତନ ସୁପରିନଟେଣ୍ଡେଣ୍ଟ ଡାକ୍ତର ଜି ପ୍ରଭାତୀଙ୍କ ନାଁରେ ପୁଲିସ୍ ହତ୍ୟା ଉଦ୍ୟମ ମାମଲା କରିଛି। ଉଣ୍ଡିର ଟିଡିପି ବିଧାୟକ କେ ରଘୁରାମ କ୍ରିଷ୍ଣାମ ରାଜୁ(ଜଜଜ)ଙ୍କ ଅଭିଯୋଗକ୍ରମେ ପୁଲିସ୍ ଏପରି ପଦକ୍ଷେପ ଗ୍ରହଣ କରିଛି। ବିଧାୟକ ଆରଆରଆର ହତ୍ୟା ଉଦ୍ୟମ, ହେପାଜତରେ ରଖି ନିର୍ଯାତନା ଦେବା ଓ ଅପରାଧିକ ଷଡ଼ଯନ୍ତ୍ର ଭଳି ଅଭିଯୋଗ ୨ ଆଇପିଏସ ଓ ଜଗନ ମୋହନଙ୍କ ବିରୋଧରେ ଆଣିଛନ୍ତି। ଜଗନଙ୍କ ଶାସନ ସମୟରେ ଆରଆରଆରଙ୍କୁ ପୁଲିସ୍ ଅଟକ ରଖି ଶାରୀରିକ ଭାବେ ନିର୍ଯାତନା ଦେଇଥିଲା। ତାଙ୍କୁ ଥାନା ହାଜତରେ ମାଡ଼ ମରାଯିବା ସହ ଛାତିରେ ବସି ଅଣନିଃଶ୍ୱାସୀ କରିଦିଆଯାଇଥିଲା। ଏବେ ଟିଡିପି କ୍ଷମତାକୁ ଆସିବା ପରେ ଆରଆରଆର ପୁଲିସ୍‌ରେ ଏନେଇ ଅଭିଯୋଗ କରିଥିଲେ। ଏହାପରେ ପୁଲିସ୍ ୧୨୦ବି, ୧୬୬, ୧୬୭, ୧୯୭, ୩୦୭, ▶▶ପୃଷ୍ଠା ୭

## ୧୧ରୁ ୯ ଆସନ ପୋଛି ନେଲେ ବିଜେପି ଆଣ୍ଡ କୋ

ନୂଆଦିଲ୍ଲୀ, ୧୨/୭ : ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ମାହାୟୁତି ମେଣ୍ଟର ବଡ଼ ବିଜୟ। ରାଜ୍ୟ ବିଧାନ ପରିଷଦର ନିର୍ବାଚନରେ ବିଜେପି, ଏକନାଥ ସିନ୍ଦେଙ୍କ ଶିବସେନା ଓ ଅଜିତ ପାୱାରଙ୍କ ଏନସିପିର ବାଜିମାତ। ଏହି ମେଣ୍ଟ ମୋଟ ୧୧ଟି ଆସନରୁ ୯ଟିରେ ବିଜୟୀ ହୋଇଛି। ମେଣ୍ଟ ପକ୍ଷରୁ ୯ ଜଣଙ୍କୁ



ପ୍ରାର୍ଥୀ କରାଯାଇଥିବା ବେଳେ ସମସ୍ତ ଆସନରେ ଏମାନେ ବିଜୟୀ ହୋଇଛନ୍ତି। କଂଗ୍ରେସ ୧ ଓ ଉଦ୍ଧବ ଠାକରେଙ୍କ ଶିବସେନେ ୧ଟି ଆସନ ପାଇଛନ୍ତି। ଶରଦ ପାୱାରଙ୍କ ଏନସିପି ପିଜାଣ୍ଟସ ଓ ୱାର୍କର୍ସ ପାର୍ଟିର ଜୟନ୍ତ ପାଟିଲଙ୍କୁ ସମର୍ଥନ କରିଥିଲେ ହେଁ ଦଳକୁ ହାରିବାକୁ ପଡ଼ିଛି। ମହାରାଷ୍ଟ୍ର ଲୋକସଭା ନିର୍ବାଚନରେ ▶▶ପୃଷ୍ଠା ୭

## ଭେଟିବା ପାଇଁ ଆଧାର କାର୍ଡ ଧରି ଆସିବାକୁ କହିଲେ କଙ୍ଗନା ରାଣାୱତ

ନୂଆଦିଲ୍ଲୀ, ୧୨/୭ : ନବନିର୍ବାଚିତ ବିଜେପି ସାଂସଦ ତଥା ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାୱତଙ୍କ ଅଡୁଆ ବଢ଼ିଛି। ସେ ନିଜ ଲୋକସଭା ନିର୍ବାଚନ ମଣ୍ଡଳୀ ହିମାଚଳ ପ୍ରଦେଶର ମଣ୍ଡିର ଲୋକମାନଙ୍କ ଆଗରେ ଆଧାର କାର୍ଡ ସର୍ତ୍ତ ରଖିଛନ୍ତି। ନିର୍ବାଚନ ମଣ୍ଡଳୀର ଯଦି କେହି ତାଙ୍କୁ ଭେଟିବାକୁ ଚାହୁଁଛନ୍ତି, ତା'ହେଲେ ସାଙ୍ଗରେ ଆଧାର କାର୍ଡ ଧରି ଆସିବାକୁ ସେ କହିବା ପରେ ବିବାଦ ସୃଷ୍ଟି ହୋଇଛି। କଙ୍ଗନା ଆହୁରି କହିଛନ୍ତି ଯେ ତାଙ୍କୁ ଭେଟିବାକୁ ଆସୁଥିବା ଲୋକମାନେ ଏହା ପଛର କାରଣ ଲିଖିତ ଭାବେ ଦେବେ। ସେ କହିଛନ୍ତି, "ହିମାଚଳ ପ୍ରଦେଶକୁ ଅନେକ ପର୍ଯ୍ୟଟକ ଆସୁଛନ୍ତି। ତେଣୁ ମଣ୍ଡି ଅଞ୍ଚଳ ପାଇଁ ଆଧାର କାର୍ଡ ଅତ୍ୟନ୍ତ ଜରୁରୀ। ନିର୍ବାଚନ ମଣ୍ଡଳୀ



ସହ ଜଡ଼ିତ କାମକୁ ଲୋକମାନେ କାଗଜରେ ଉଲ୍ଲେଖ କରିବେ। ଏହାଦ୍ୱାରା ଲୋକମାନେ ଆଉ ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ପର୍ଯ୍ୟଟକମାନେ ଏଠାକୁ ଆସୁଥିବାରୁ ସାଧାରଣ ଲୋକମାନେ ଅନେକ ପ୍ରକାରର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହିମାଚଳ ପ୍ରଦେଶର ନର୍ଦ୍ଦନ ରିଜନର ଲୋକମାନେ ମୋତେ ମଣ୍ଡି ▶▶ପୃଷ୍ଠା ୭

## ସୁବର୍ଣ୍ଣପୁର ଆଂଚଳିକ ପରିବହନ କାର୍ଯ୍ୟାଳୟରେ ସ୍ୱୟଂ ଚାଳିତ ଡ୍ରାଇଭିଂ ଟେଷ୍ଟିଙ୍ଗର ଶୁଭାରମ୍ଭ

ସୁବର୍ଣ୍ଣପୁର, ୧୨/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାର ସାହାଜପିଟା ଠାରେ ଅବସ୍ଥିତ ସ୍ୱୟଂ ଚାଳିତ ଡ୍ରାଇଭିଂ ଟେଷ୍ଟିଙ୍ଗ ସରଣୀ ତା ୧୦/୦୭/୨୪ ଠାରୁ କାର୍ଯ୍ୟକାରୀ କରାଯାଇଥିବା ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି। ନୂତନ ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ଆବେଦନକାରୀ ମାନେ ଏଇ ସ୍ୱୟଂ ଚାଳିତ ବୈଦ୍ୟୁତିକ ସରଣୀ ରେ ଗାଡି ଚଳେଇ ଟେଷ୍ଟିଙ୍ଗ ଦେଇଥିଲେ, ଏଠାରେ ଅତ୍ୟାଧୁନିକ ସ୍ୱୟଂ ଚାଳିତ ସରଣୀ କାର୍ଯ୍ୟକାରୀ ହେବା ଫଳରେ ଡ୍ରାଇଭିଂ ଟେଷ୍ଟିଙ୍ଗରେ ଆଉ ମନୁଷ୍ୟ କୃତ କୌଣସି ପ୍ରକାର ହସ୍ତକ୍ଷେପ ରହିବ ନାହିଁ। ଏଇ ବୈଦ୍ୟୁତିକ ସରଣୀରେ ଗାଡି ଚାଳନାର ପରୀକ୍ଷା ଦେଇଥିବା ଆବେଦନକାରୀମାନଙ୍କ ଦ୍ୱାରା ଠିକ ବା ଭୁଲ ଗାଡି ଚାଳନାର ଟିକିନିକି ତଥ୍ୟ କମ୍ପ୍ୟୁଟରରେ ରିପୋର୍ଟ ପ୍ରକାଶିତ ହେବ। ଏଇ ରିପୋର୍ଟ ଆଧାରରେ ଆବେଦନକାରୀ ମାନଙ୍କୁ ପାସ ଓ ଫେଲ ସାର୍ଟିଫିକେଟ ପ୍ରଦାନ କରାଯିବା ସହ ଗାଡି ଚାଳନା ପାଇଁ ଆବଶ୍ୟକ ଲାଇସେନ୍ସ ପ୍ରଦାନ କାରାଯିବ ବୋଲି ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଜେନା ସୂଚନା ଦେଇଛନ୍ତି। ଆଂଚଳିକ ପରିବହନ କାର୍ଯ୍ୟାଳୟ ସୁବର୍ଣ୍ଣପୁର ରେ ଆରମ୍ଭ ହୋଇଥିବା ଏଇ ଅତ୍ୟାଧୁନିକ ବ୍ୟବସ୍ଥା ରାଜ୍ୟର ୯ତମ ହୋଇଥିବାବେଳେ ଏଇ ବ୍ୟବସ୍ଥାକୁ ଅଟୋମେଟେଡ୍ ଡ୍ରାଇଭିଂ ଟେଷ୍ଟିଙ୍ଗ ସିଷ୍ଟମ ବା(ଏଡିଟିଏସ) କୁହାଯାଉଛି। ଏହା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏ.ଆଇ) ମାଧ୍ୟମରେ ସ୍ୱୟଂ ଚାଳିତ ହେବା ସହିତ ସିଷ୍ଟମ ରେ ତଥ୍ୟ ସଂଗ୍ରହ ପାଇଁ ୧୯ ଟି ସ୍ୱୟଂ ଚାଳିତ କ୍ୟାମେରା ସଂଯୁକ୍ତ ହୋଇଛି। ଏହି କ୍ୟାମେରା ଦ୍ୱାରା ଆବେଦନକାରୀ ମାନଙ୍କ ଡ୍ରାଇଭିଂ ଟେଷ୍ଟିଙ୍ଗ ସମ୍ପର୍କିତ ସମସ୍ତ ଫୋଟୋ ଚିତ୍ର ଓ ତଥ୍ୟ ଉତୋଳିତ ହୋଇ ସିଧାସଳଖ କମ୍ପ୍ୟୁଟର ଡାଟାବେସକୁ ଚାଲିଯିବା ଏବଂ ସେହି ରିପୋର୍ଟ ଆଧାରରେ ପରିବହନ ଅଧିକାରୀ ଆବେଦନକାରୀଙ୍କୁ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରିବେ ବୋଲି ଜଣାପଡିଛି। ଏହି ବ୍ୟବସ୍ଥାର କାର୍ଯ୍ୟକାରୀତା ନିମନ୍ତେ ପୁଣେ ଓ ହାଇଦ୍ରାବାଦ ରୁ ଏକ ସ୍ୱତନ୍ତ୍ର ବୈଷୟିକ ଟିମ ଜିଲ୍ଲାକୁ ଆସି କାର୍ଯ୍ୟ ର ତଦାରଖ କରୁଥିଲେ। ଆଜିର ଏହି ପରୀକ୍ଷାମୂଳକ ତଥା ଏହାର ଲୋକାର୍ପଣ କାର୍ଯ୍ୟକ୍ରମରେ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଜେନା ଏବଂ ଏମଭିଆଇ ଶ୍ରୀ ବିଶ୍ୱରଂଜନ ସାହୁ ଉପସ୍ଥିତ ରହି ସ୍ୱୟଂଚାଳିତ ଟେଷ୍ଟିଙ୍ଗର ଆରମ୍ଭ କରିଥିଲେ।

## ଭିନ୍ନକ୍ଷମ ହିରୋ ସୁନାକୁ ଆବାସ ଘର ସାତ ସପନ : ମାଟି, ଚାଳ ଛପର ଘର ଭାଙ୍ଗିଯିବାରୁ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି

ବଲାଙ୍ଗିର, ୧୨/୦୭ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଆଗଲପୁର (ଡୁଡୁକା )ବ୍ଲକ କୁଟାସିଂହା ପଂଚାୟତ ଡୁଙ୍ଗୁରିପାଲି ଗାଁର ବାସିନ୍ଦା ହିରୋ ସୁନା (୩୭ବର୍ଷ ) ଜନ୍ମରୁ ସେ ଭିନ୍ନକ୍ଷମ ଅଟନ୍ତି । ଡାହାଣ ଗୋଡ଼ ସରୁ ହୋଇ ବାମ ଗୋଡ଼ରୁ ଛୋଟ ଥିବାରୁ ଠିକ ରେ ଚାଲି ପାରନ୍ତି ନାହିଁ କି କୌଣସି କାମ ଧନ୍ଦା କରି ପାରନ୍ତି ନାହିଁ । ୧୦ ବର୍ଷ ହେଲା ମା, ବାପା ଙ୍କ ମୃତ୍ୟୁ ହୋଇ ସାରିଛି । ବଡ ଭାଇ ନିଜ ପରିବାରକୁ ନେଇ ଅଲଗା ରହୁଛନ୍ତି । ଭାଗ ପାଇଥିବା ଦୁଇ ବଖରା ମାଟି, ଚାଳ ଛପର ଘରେ ନିଜେ ରୋଷେଇ କରି ଚଳୁଥିଲେ ଅବିବାହିତ ହିରୋ ସୁନା । ହେଲେ ଅର୍ଥାଭାବ ତଥା ନିଜେ ଅକ୍ଷମ ଥିବାରୁ ଘରକୁ ମରାମତି କରି ପାରିଲେ ନାହିଁ ଫଳରେ ଘର ଭାଙ୍ଗିରୁଜି ଗଲାଣି । ଏବେ ବର୍ଷେ ହେବ ସମ୍ପର୍କିୟଙ୍କ ଘରେ ଆଶ୍ରୟ ନେଇଛନ୍ତି । ସରକାରଙ୍କ ଆବାସ ଯୋଜନା ତଥା ଭିନ୍ନକ୍ଷମ କୋଟାରୁ ଘର ଖଣ୍ଡିଏ ଯୋଗାଇ ଦେବାକୁ ପ୍ରଶାସନକୁ ବହୁବାର ଜଣେଇଥିଲେ ବି ଏ ପର୍ଯ୍ୟନ୍ତ ପ୍ରଶାସନ ତାଙ୍କ କଥା ପ୍ରଶାସନ ଶୁଣିନାହିଁ । ଭିନ୍ନକ୍ଷମ ଭତା ବାବଦକୁ ୧୦୦୦ ଟଙ୍କା ଓ ୫ କେଜି ରାସନ ଚାଉଳକୁ ଛାଡିଦେଲେ ଆଉ କୌଣସି ସରକାରୀ ସହାୟତା ପାଇନଥିବା କହିଛନ୍ତି ୫୫ ପ୍ରତିଶତ ଭିନ୍ନକ୍ଷମ ହିରୋ ସୁନା । ଭିନ୍ନକ୍ଷମ ହିରୋ ସୁନାକୁ ଆବାସ ଘର ସାତ ସପନ। ମାଟି, ଚାଳଛପର ଘର ଭାଙ୍ଗି ଯିବାରୁ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। ଅନିୟମିତତାଘେରରେ କୁଟାସିଂହା ଗ୍ରାମ ପଂଚାୟତ। ଗୋଟିଏ ,ଗୋଟିଏ ପରିବାରରେ ଏକାଧିକ ଘର, ପୁଣି ଷ୍ଟଲ ନିର୍ମାଣ କରିଛନ୍ତି। ବହୁ ଅଯୋଗ୍ୟ ହିତାଧିକାରୀ ଏଥିରେ ସାମିଲ ହୋଇ ଆବାସ ଘର ହାତେଇ ନିଜର ପ୍ରଭାବ ଜାହିର କରିଥିବା ବେଳେ ଅସହାୟ ହିରୋ ସୁନାଙ୍କୁ ମିଳିନଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମାଳ ମାଳ ଯୋଜନା, କିନ୍ତୁ ଉପଯୁକ୍ତ ହିତାଧିକାରୀ ଏଥିରୁ ବଂଚିତ ହୋଇଥିବା ଉଦାହରଣ। ଯେପରିକି ଭାତ ହାଣ୍ଡିରେ ଗୋଟିଏ ଭାତ ଚିପିଲେ ଯାହା, ସେଭଳି ଅବସ୍ଥା କୁଟାସିଂହା ଗ୍ରାମପଂଚାୟତରେ ଦେଖିବାକୁ ମିଳିଛି । ଏଠାରେ ସୂଚନା ଯୋଗ୍ୟ ଯେ, କୁଟାସିଂହା କଂଟାପାଲି ପଡ଼ା ଗ୍ରାମର ଭୂମିହୀନ, ସୁରଜ୍ ବାଗ ଙ୍କୁ ମଧ ଘର ମିଳିପାରି ନାହିଁ । ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ପିଏମ୍-ପୋଷଣକୁ ନେଇ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୨/୦୭ (ନି.ପ୍ର): ସରକାରୀ ବିଦ୍ୟାଳୟରେ ପଢ଼ିଥିବା ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷିତ ଓ ସ୍ୱାସ୍ଥ୍ୟକର ମଧ୍ୟାହ୍ନ ଭୋଜନ ଯୋଗାଇଦେବା ଲକ୍ଷ୍ୟରେ ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନ ପରିସରରେ ଗୁରୁବାର ଏକ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁଭ ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମ ୮ ଟି ପର୍ଯ୍ୟାୟରେ ଆସନ୍ତା ଅଗଷ୍ଟ ୭ ତାରିଖ ଯାଏଁ ଚାଲିବ। ଭାରତ ସରକାରଙ୍କ ପିଏମ-ପୋଷଣ, ମିଳିତ ଜାତିସଂଘ ବିଶ୍ୱ ଖାଦ୍ୟ ସଂଗଠନ ଏବଂ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ପୋଷଣଯୁକ୍ତ ମଧ୍ୟାହ୍ନ ଭୋଜନ ଯୋଗାଇବା ସମ୍ପର୍କରେ ଆଲୋଚନା କରାଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ ଓଡ଼ିଶାରେ କିପରି ପୁଷ୍ଟିକର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହୋଇପାରିବ ସେ ନେଇ ଅଭିଭାଷଣ ରଖିଥିଲେ। ଏହାସହ ଅପପୁଷ୍ଟି ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟର ୩୦ ଟି ଜିଲ୍ଲାରୁ ୮୦୦ ଜଣ ପାଚିକା ତଥା ସହାୟିକାଙ୍କୁ ମାଷ୍ଟର ଟ୍ରେନର ଭାବରେ ୮ ଟି ପର୍ଯ୍ୟାୟରେ ଦୁଇଦିନିଆ ପ୍ରଶିକ୍ଷଣ ଦିଆଯିବ । ଏହି ଅବସରରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାରୁ ଆସିଥିବା ମାଷ୍ଟର ଟ୍ରେନରମାନେ ଅଂଶଗ୍ରହଣ କରି ସୁରକ୍ଷିତ ଏବଂ ସ୍ୱାସ୍ଥ୍ୟକର ପରିବେଶରେ କିଭଳି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯିବ ସେ ନେଇ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି।

## ଜିଲ୍ଲାପାଳ ଅଫିସ ଘେରିଲେ ଆଶା କର୍ମୀ

ଭୁବନେଶ୍ୱର/ ନୂଆପଡ଼ା, ୧୨/୦୭ (ନି.ପ୍ର): ଜିଲ୍ଲାପାଳ ଅଫିସ ଘେରିଲେ ଆଶା କର୍ମୀ । ଓଡ଼ିଶା ଆଶା କର୍ମୀ ଆସୋସିଏସନ୍ ସିଆଇଟ୍ୟୁର ନୂଆପଡ଼ା ଶାଖା ତରଫରୁ ଜିଲ୍ଲାର ଶତାଧିକ ଆଶା କର୍ମୀ ପନ୍ଦର ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ଚାକିରିରେ ନିୟମିତ କରିବା ସହ ୨୬ ହଜାର ଟଙ୍କା ଦରମା ପାଇଁ ଦାବି କରିଛନ୍ତି ଆଶା କର୍ମୀ ।

## ଦୁଇ ସନ୍ତାନ ଆଇନ ପ୍ରଣୟନ ଦାବିରେ କନ୍ଧମାଳ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର

କନ୍ଧମାଳ, ୧୨/୦୭ (ନି.ପ୍ର): ଦେଶର ଦୃତ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ପକ୍ଷରୁ ଫୁଲବାଣୀ ଠାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତୀକ ଧାରଣା ଦେବା ସହ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଆଶିଷ ଇଶ୍ୱର ପାଟିଲଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି। ଭାରତର ସମ୍ବିଧାନକୁ ଅବମାନନା କରି ଧାର୍ମିକ ଆଧାରରେ ଅଲଗା ଅଲଗା ଆଇନ ପ୍ରଚଳନ ଫଳରେ କେତେକ ନାଗରିକ ଦୁଇ ପ୍ରକାର ସୁବିଧା ପାଉଛନ୍ତି। ଏହା ଭାରତୀୟ ସମ୍ବିଧାନର ଧାରା ୪୪କୁ ସ୍ପଷ୍ଟ ଅବମାନନା କରୁଛି। ଏଣୁ ବିଳମ୍ବ ନ କରି ଦେଶରେ(ୟୁସିସି ) ସବୁ ନାଗରିକମାନଙ୍କ ପାଇଁ ସମାନ ଆଇନ ପ୍ରଣୟନ କରିବାକୁ ଏହି ଦାବିପତ୍ରରେ ଉଲ୍ଲେଖ ଅଛି। ଦେଶ ବର୍ତମାନ ଜନସଂଖ୍ୟା ଜନିତ ସଙ୍କଟମୟ ପରିସ୍ଥିତି ମଧ ଦେଇ ଗତି କରୁଛି। ଭାରତ ଏବେ ଜନସଂଖ୍ୟାରେ ଚୀନକୁ ଟପି ଗଲାଣି। ଚୀନର କ୍ଷେତ୍ରଫଳ ୯୫.୯୬ହଜାର ବର୍ଗ କିମି ଥିବା ବେଳେ ଭାରତର କ୍ଷେତ୍ରଫଳ ହେଉଛି ମାତ୍ର ୩୨.୮୭ ହଜାର କିମି ।ଭାରତର ଏତେ ବଡ ଜନସଂଖ୍ୟାକୁ ଖାଦ୍ୟଶସ୍ୟ, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ,ଫଳ, ପନିପରିବା, ଦୁଗ୍ଧ, ବିଜୁଳି, ପାଣି, ଇନ୍ଧନ, ସ୍ୱାସ୍ଥ୍ୟ, ଶିକ୍ଷା, ଖାଦ୍ୟ, ପରିବେଶ, ରୋଜଗାର ଇତ୍ୟାଦି ଅତ୍ୟାବଶ୍ୟକୀୟ ଜିନିଷ ଯୋଗାଇବା ସମ୍ଭବ ହୋଇପାରୁ ନାହିଁ। ପୃଥିବୀର ସମୁଦାୟ ସ୍ଥଳ ଭାଗରୁ ଭାରତରେ ମାତ୍ର ୨.୪% % ସ୍ଥଳ ପାନୀୟ ଜଳ ମାତ୍ର ୪% ଥିବା ବେଳେ ବିଶ୍ୱ ଜନସଂଖ୍ୟାର ୧୮%ଲୋକ ଭାରତରେ ବାସ କରୁଅଛନ୍ତି। ଜନସଂଖ୍ୟାର ଅହେତୁକ ବୃଦ୍ଧି ଯୋଗୁ ଦେଶରେ କୁପୋଷଣ,ଅନାହାର ବୃଦ୍ଧି ପାଇବା ସାଙ୍ଗକୁ ବେକାରୀ ବୃଦ୍ଧି ପାଉଛି। ଜଳର ଅଭାବ, ପର୍ଯ୍ୟାବରଣ ଉପରେ କୁପ୍ରଭାବ ସାଙ୍ଗକୁ ପରିବେଶ ପ୍ରଦୁଷଣ ଅସନ୍ତୁଳିତ ଜନସଂଖ୍ୟା ବୃଦ୍ଧି ଯୋଗୁଁ ହେଉଛି। ଅହେତୁକ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଦେଶରେ ଚାଷଜମି,ଘରଡିହ ଓ ଜଙ୍ଗଲ ଜମି ଦ୍ରୁତ ଗତିରେ କମି ଚାଲିଛି। ଆଗାମୀ ଦିନରେ ଦେଶରେ ଖାଦ୍ୟ ଅଭାବ ବ୍ୟାପକ ହେବା ସହ ଆଇଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବ। ଅହେତୁକ ଭାବରେ ବୃଦ୍ଧି ଜନସଂଖ୍ୟାକୁ ନିୟନ୍ତ୍ରଣ ନକଲେ ଆଗାମୀ ୨୦୫୦ ମସିହା ବେଳକୁ ଆମ ଦେଶରେ ଲୋକ ସଂଖ୍ୟା ୨୪୦ କୋଟିକୁ ଟପିଯିବ। ସେଥିରେ ହିନ୍ଦୁମାନଙ୍କ ସଂଖ୍ୟା ଏକ ତୃତୀୟାଂଶ ହୋଇଯିବ। ଲୋକେ ଆଉରଙ୍ଗଜେବ ହୋଇ କିଏ ଆପଣାର କିଏ ପର ନ ଭାବି ନିଜର ଅସ୍ତିତ୍ୱରକ୍ଷା ପାଇଁ ପରସ୍ପର ମଧ୍ୟରେ ଲଢ଼େଇ କରିବେ। ଭାରତରେ ଗୃହ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଉପୁଜିପାରେ। ଏହାଫଳରେ ଦେଶରେ ଧାର୍ମିକ ସଙ୍କଟ ସୃଷ୍ଟି ହୋଇ ଭାରତର ଧର୍ମ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବ। ଭାରତ ସେତେବେଳେ ସୁରକ୍ଷିତ ରହିବ ଯେତେବେଳେ ବର୍ଦ୍ଧିତ ଜନସଂଖ୍ୟା ନିୟନ୍ତ୍ରଣ ଉପରେ ଅଙ୍କୁଶ ଲାଗିବ। ଜନସଂଖ୍ୟା ନିୟନ୍ତ୍ରଣ କରିବାକୁ ଭାରତ ସରକାର ଚିନ୍ତା କରିବାକୁ ପଡ଼ିବ। ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ସବୁ ଦମ୍ପତିମାନଙ୍କ ପାଇଁ ଅତି ବେଶିରେ ଦୁଇଟି ସନ୍ତାନ ଜନ୍ମ ଦେବାପାଇଁ ସଶକ୍ତ ଆଇନ ପ୍ରଣୟନ କରି ଆଇନକୁ କାର୍ଯ୍ୟକାରୀ କରିବା ଏକାନ୍ତ ଅନିର୍ବାଯ୍ୟ ହୋଇପଡ଼ିଛି। ଅଧିକ ସନ୍ତାନ ଜନ୍ମ କରୁଥିବା ବହୁ ପରିବାର ତାଙ୍କ ପିଲାମାନଙ୍କୁ ଖାଦ୍ୟ, ବସ୍ତ୍ର, ଶିକ୍ଷା, ବାସଗୃହ ଇତ୍ୟାଦି ଯୋଗାଇପାରୁ ନାହାନ୍ତି। ଓଡ଼ିଶା ସରକାର ମଧ ପ୍ରାଦେଶିକ ସ୍ତରରେ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ପ୍ରତ୍ୟେକ ନାଗରିକଙ୍କ ପାଇଁ ଦୁଇଟି ସନ୍ତାନ ଆଇନ ପ୍ରଣୟନ କରିବାକୁ ସୁପାରିଶ କରିବାକୁ ଦୃଢ଼ ଦାବି ଉପସ୍ଥାପନ କରାଯାଇଛି। ଯେଉଁମାନେ ଦୁଇ ସନ୍ତାନ ଜନ୍ମ ଦେବା କଟକଣାକୁ ମାନିବେ ନାହିଁ ସେମାନଙ୍କ ପ୍ରତି କଠୋର ଆଇନ ପାଇଁ ନିମ୍ନ ଦାବୀ କରାଯାଇଛି- ୧/ ତୃତୀୟ ସନ୍ତାନ ଜନ୍ମଦାତାଙ୍କୁ ସରକାରୀ ଚାକିରୀ ଦିଆ ନ ଯିବାର ସାମ୍ବିଧାନିକ ବ୍ୟବସ୍ଥା ରହୁ । ୨/ ତୃତୀୟ ପିଲା ଜନ୍ମ ଦେଲେ ଚାକିରୀ ରେ ଥିବା ଦମ୍ପତିଙ୍କୁ ସେବା ନିବୃତ କରିବା। ୩/ ତୃତୀୟ ସନ୍ତାନ ଜନ୍ମ ଦେଇଥିବା ବ୍ୟକ୍ତିଙ୍କୁ ରାସନ ବ୍ୟବସ୍ଥା ବନ୍ଦ କରିବା ସହିତ ସମସ୍ତ ସରକାରୀ ସୁବିଧାରୁ ବଂଚିତ। ୪/ତୃତୀୟ ସନ୍ତାନ ଜନ୍ମ ଦେଇଥିବା ଦମ୍ପତିଙ୍କୁ ପ୍ରାଦେଶିକ ସ୍ତରୀୟ ଯେକୌଣସି ନିର୍ବାଚନ ଲଢ଼ିବାରୁ ବଂଚିତ କରିବା ସହିତ ଭୋଟ ଦେବା କ୍ଷମତା ରଦ୍ଦ କରିବା। ୫/ ଏହା ସତ୍ୱେ ଚତୁର୍ଥ ସନ୍ତାନ ଜନ୍ମ ଦେଲେ ସଂପୃକ୍ତ ଦମ୍ପତିମାନଙ୍କୁ ଜେଲ ଦଣ୍ଡର ବ୍ୟବସ୍ଥା କରିବା।ଉପରୋକ୍ତ ଦାବୀକୁ କାର୍ଯ୍ୟକାରୀ କଲେ ଦେଶରେ ହୁ ହୁ ହୋଇ ବଢୁଥିବା ଜନସଂଖ୍ୟା ନିୟନ୍ତ୍ରିତ ହୋଇପାରିବ।ଏହି ଅବସରରେ ଫୁଲବାଣୀ ଠାରେ ପ୍ରିୟ ନାଥ ଶର୍ମା, ପ୍ରମୋଦ ସାହୁ,ରାଜ କିଶୋର ପାଢୀ, ବଂଶୀଧର ପଣ୍ଡା, ନବ କିଶୋର ରଥ ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖ ବହୁ ବ୍ୟକ୍ତି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ।

## ଗୁହାରି ୨୦୨୪ର ଦ୍ୱିତୀୟ ସଂଧ୍ୟାରେ ଦର୍ଶକ ବିଭୋର

ଭୁବନେଶ୍ୱର, ୧୨/୦୭ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ନିବେଦିତ ଶ୍ରୀ ଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି ୨୦୨୪'ର ଆଜି ଥିଲା ଦ୍ୱିତୀୟ ସଂଧ୍ୟା । ରଥଯାତ୍ରା ସମୟରେ ଭକ୍ତ ଗୁହାରି କରି ଡ଼ାକୁଛି ହେ ପ୍ରଭୁ ମତେ ରକ୍ଷା କର । ଏଠି ରଥ, ପଥ ସର୍ବେ ଏକାକାର । ଦେବତା କହିଲେ ଜଗନ୍ନାଥ । ଧର୍ମ କହିଲେ ଜଗନ୍ନାଥ ଧର୍ମ । ମାନବିକ ମୂଲ୍ୟବୋଧରେ ତାଙ୍କୁ ଅନୁଭବ କରିହୁଏ। ନବଦିନ ଯାତ୍ରା ପରେ ଏହି ମାର୍ଗ ଦେଇ ପୁନଃ ପ୍ରତ୍ୟାବର୍ତନ । ଶ୍ରୀ ମନ୍ଦିରରୁ ତିନି ଗୋଟି ରଥ ବାହାରି ଗୁଣ୍ଡିଚା ମନ୍ଦିର ଅଭିମୁଖେ ଓ ଶ୍ରୀ ଗୁଣ୍ଡିଚା ମନ୍ଦିରରୁ ବାହାରି ଶ୍ରୀମନ୍ଦିର ଯାତ୍ରା ଅତୀବ ରହସ୍ୟମୟ । ଅଗଣିତ ବିଶ୍ୱବାସୀଙ୍କ ଆଶା ଓ ଆକାଂକ୍ଷା ଏବଂ ଉଦ୍ଦୀପନାର ଏ ଯାତ୍ରା, କିଏ କହେ ଘୋଷ ଯାତ୍ରା, କିଏବା କହେ ନବଦିନାତ୍ମକ ଯାତ୍ରା। କେହିବା କହନ୍ତି ଜନ୍ମ ବେଦୀକୁ ଚତୁର୍ଦ୍ଧାମୂର୍ତିଙ୍କର ଯାତ୍ରା। ଏଭଳି ଏକ ଭାବାପୂର୍ଣ୍ଣ ପରିବେଶରେ କଣ୍ଠଶିଳ୍ପୀମାନଙ୍କର ଜଗନ୍ନାଥଙ୍କ ଉପରେ ଭକ୍ତି ସଙ୍ଗୀତ ପ୍ରବିବେଷଣ ଏହି ଉତ୍ସବକୁ ଦ୍ୱିଗୁଣିତ କରିଛି । ଦ୍ୱିତୀୟ ସଂଧ୍ୟାର କଣ୍ଠଶିଳ୍ପୀମାନେ ଥିଲେ ସଙ୍ଗୀତା ଗୋସାଇଁ, ଅଭିଜିତ ମିଶ୍ର, ଇପ୍ସିତା ପଣ୍ଡା, ପିନାକୀ ନାୟକ, ସୁରସରିତା ରାଉତ, ବୀରପ୍ରତାପ ସିଂ, ଶିବାନନ୍ଦ ତ୍ରିପାଠୀ, ସସ୍ମିତା ମିଶ୍ର ଓ ସୌରଭ ଭରଦ୍ୱାଜ । ସେମାନଙ୍କ ଦ୍ୱାରା ପରିବେଷିତ ହୋଇଥିବା ଭକ୍ତି ସଙ୍ଗୀତ ମଧ୍ୟରେ ଥିଲା ମିତଣୀ ଲୋ ଶ୍ରୀକ୍ଷେତ୍ର ଯିବା, କଳାମେଘ ଠାରୁ ଆହୁରୀ କଳା, ଚକା ନୟନକୁ ପରି ତ କେହି, ମନ୍ତ୍ରିଂ ଚଳିତ ବିଲୋକ୍ୟଂ, ଚାଲ ସଖୀ ଆମ୍ଭେ ଦର୍ଶନ କରିବା, ଜଗନ୍ନାଥ କଲେ ଯା ଅନାଥ, ପ୍ରଭୁ କି ସୁନ୍ଦର ଦିଶ, ମେଘ ମାଳକୁ ନିନ୍ଦେ କାଳକୁ, ପ୍ରାଣ ସଙ୍ଗାତରେ ନୟନ ପୁରାଇ, କାଳିଆ କାହ୍ନୁ ଆଉ ବିଳମ୍ବ କର, କାଳିଆ ସୁନା କିଛି ମୋର ନାହିଁ, ଆହେ ନୀଳାଚଳ ନାୟକ, ବୃନ୍ଦାବନେ ବଂଶୀ କେ ବଜାଇଲା, ମଣିମା ସୁଣିମା ହେଉ ଗରୀବ ଡାକ, ଦୀନବନ୍ଧୁ ଦୈତାରୀ ଦୁଃଖ, ଆହେ ନୀଳଶୈଳ, ଦୀନବନ୍ଧୁ ଏଇ ଅଳି ଶ୍ରୀଛାମୁରେ, ଏକା ତୋ ଭକତ ଜୀବନ ଇତ୍ୟାଦି ।

## ନରସିଂହ ଓ ନାରାୟଣ ବେଶରେ ଦର୍ଶନ ଦେଲେ ଶ୍ରୀ ଜିଉ

ଜୟପୁର , ୧୨/୦୭ (ନି.ପ୍ର): ଜୟପୁର ରଥଯାତ୍ରାରେ ବାଙ୍କମଠ ଆଡପମଣ୍ଡପ ଠାରେ ହେରା ପଂଚମି ଅବସରରେ ବହୁ ଜନସମାଗମ ହୋଇଥିଲା । ଶ୍ରୀ ଜିଉ ବଳଭଦ୍ର ନରସିଂହ ଓ ଜଗନ୍ନାଥ ନାରାୟଣ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ସଂଧ୍ୟାଅଳତି ଦେଖିବା ପାଇଁ ଭକ୍ତଙ୍କ ଭିଡ ଜମିଥିଲା । ଦେବୋତର ବିଭାଗ ତରଫରୁ ସବୁ ବ୍ୟବସ୍ଥା କରାଯିବା ସହ କ୍ଷିରି ଖେଚୁଡ଼ି, କାକରା, ଭଜା, ଆରିଶା , ତରକାରି ଆଦି ପ୍ରଭୁଙ୍କ ନିକଟରେ ଭୋଗ ଲାଗି କରାଯାଇ ସ୍ୱତନ୍ତ୍ର ପୂଜା କରାଯାଇଥିଲା । ସଂଧ୍ୟାରେ ପ୍ରଭୁଙ୍କ ଅବତାର ଦେଖିବା ପାଇଁ ବହୁ ଜନସମାଗମ ହୋଇଥିବା ବେଳେ ପୋଲିସ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିବା ବେଳେ ମନ୍ଦିର ନିକଟରେ ଭଜନ ସମାରୋହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସ୍ଥାନିୟ ଜନସାଧାରଣ ଏହାକୁ ଉପଭୋଗ କରିଥିବା ଲକ୍ଷ୍ୟ କରାଯାଇଛି । ପାଗ ସଫା ଥିବା ସହ ହେରା ପଂଚମି ଯୋଗୁଁ ମୁଖ୍ୟ ରାସ୍ତାରେ ଜନ ଗହଳି ଲାଗିରହିଥିଲା ।

## ସୁବର୍ଣ୍ଣପୁର ଜିଲ୍ଲାରେ ଉପମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ସୁବର୍ଣ୍ଣପୁର, ୧୨/୦୭ (ନି.ପ୍ର): ସମ୍ମାନନୀୟ ଉପମୁଖ୍ୟମନ୍ତ୍ରୀ ଓଡିଶା ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂଦେଓ ସୁବର୍ଣ୍ଣପୁର ଗସ୍ତରେ ଆସି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର କାର୍ଯ୍ୟକ୍ଷବଳି ର ସମୀକ୍ଷା କରିଥିଲେ। ତାଙ୍କ ସହିତ ବଲାଙ୍ଗୀର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂଦେଓ, ବିରାମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ଅଧକ୍ଷା ଜିଲ୍ଲା ପରିଷଦ ସୁପାର ଠେଲା ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ ସମସ୍ତ ଅତିଥିଙ୍କୁ ସ୍ୱାଗତ କରି ଉପଢୌକନ ଓ ରୋପଣଯୋଗ୍ୟ ବୃକ୍ଷ ପ୍ରଦାନ କରି ସମ୍ମାନିତ କରିଥିଲେ । ଉପମୁଖ୍ୟମନ୍ତ୍ରୀ ଉପସ୍ଥିତ ସମସ୍ତ ଜିଲ୍ଲାସ୍ତରୀୟ ଏବଂ ବିଭାଗୀୟ ଅଧିକାରୀ ମାନଙ୍କୁ ସମ୍ବୋଧିତ କରି କହିଲେଯେ ଏହା ହେଉଛି ଜନସାଧାରଣଙ୍କ ସରକାର। ସମସ୍ତ ଅଧିକାରୀ ନିସ୍ୱାର୍ଥପର ଭାବରେ ଲୋକମାନଙ୍କୁ ସରକାରଙ୍କ ପ୍ରଦତ ସମସ୍ତ ସୁବିଧାସୁଯୋଗ ତତ୍ପରତାର ସହିତ ଯୋଗାଇଦେବେ । ସମୟବଦ୍ଧ ହିସାବରେ ଜନସାଧାରଣଙ୍କ ସମସ୍ତ ଆପତି ଅଭିଯୋଗର ସମାଧାନ ନିଶ୍ଚିତ ଭାବରେ କରିବେ । କୃଷି ବିଭାଗର କାର୍ଯ୍ୟ ର ସମୀକ୍ଷା ବେଳେ ଜିଲ୍ଲା କୃଷି ଅଧିକାରୀ ଡ଼ଃ ବିଭୁତି ଭୂଷଣ ମିଶ୍ର ଜିଲ୍ଲାରେ ଧାନ, କପା, ଡାଲିଜାତୀୟ ଫସଲ, ତୈଳବୀଜ ଚାଷର ପରିସ୍ଥିତି ଓ ଏହାର ଉନ୍ନତି ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଅବଗତ କରାଇଥିଲେ। ମନ୍ତ୍ରୀ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲାଭ ସମସ୍ତ ଚାଷିମାନଙ୍କୁ ପହଂଚାଇବା ସହିତ ବିଗତ ଦିନର ବୀମା କ୍ଲେମ ସବୁର ଶୀଘ୍ର ସମାଧାନ କରିବା ପାଇଁ ତାଗିଦ କରିଥିଲେ ।ଜମିରେ ରାସାୟନିକ ସାର ଓ କୀଟନାଶକ ପରିବର୍ତେ ଜୈବିକ କୃଷିକୁ ଅନୁସରଣ କରିବା ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କୃଷକମାନଙ୍କ ସୁବିଧା ନିମନ୍ତେ ଏଇ ସରକାର ଅତିଶୀଘ୍ର ସମସ୍ତ ଜିଲ୍ଲା ଏବଂ ସବଡ଼ିଭିଜନ ସ୍ତରରେ ଶୀତଳ ଭଣ୍ଡାର ଖୋଲିବାର ଯୋଜନା କରୁଛନ୍ତି ବୋଲି କହିଲେ। ସମ୍ବନ୍ଧିତ କୃଷି ରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଅଧିକ ହିତାଧିକାରୀ ସୃଷ୍ଟିକରି ସେମାନଙ୍କୁ ମିଳିତ ଭାବରେ ବିଭିନ୍ନ ଫସଲ ସହିତ ଉଦ୍ୟାନ କୃଷି, ପଶୁପାଳନ, ମାଛଚାଷ କରିବା ପାଇଁ ସୁଯୋଗ ସୃଷ୍ଟି କରିବା ପାଇଁ କହିଥିଲେ। ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗକୁ ସମସ୍ତ ପ୍ରକଳ୍ପ ଗୁଡିକ ସମୟ ସୀମା ମଧରେ ଶେଷ କରି ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଶୀଘ୍ର ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଯନ୍ତ୍ରୀ ଅରୁଣ କୁମାର ଜ୍ୟୋତିର୍ମୟଙ୍କୁ ଜିଲ୍ଲାରେ ଥିବା ସମସ୍ତ ଅଚଳ ଜଳସେଚନ ପ୍ରକଳ୍ପ ଗୁଡିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୂର୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଦାମୋଦର କୈବର୍ତ ଓ ରୁରାଲ ଓ୍ୱାର୍କ୍ସ ଯନ୍ତ୍ରୀ ଙ୍କୁ ଜିଲ୍ଲାରେ ନିର୍ମାଣଧୀନ ସମସ୍ତ ରାସ୍ତା କାମ କୁ ନିର୍ଧାରିତ ସମୟ ସୀମା ମଧରେ ଶୀଘ୍ର ସାରିବା ପାଇଁ କହିଥିଲେ ।ସୋନପୁର ଡୁଙ୍ଗୁରିପାଲି ରାସ୍ତା କାମର ମନ୍ଥରତା ପାଇଁ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ମେଗା ଲିଫ୍ଟ ଇରିଗେସନ ପ୍ରୋଜେକ୍ଟର ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲ୍ଲାର କୌଣସି ଗୋଟିଏ ବି ପ୍ରକଳ୍ପ ଶତ ପ୍ରତିଶତ କାର୍ଯ୍ୟକ୍ଷମ ହୋଇପାରିନଥିବାରୁ ତାଗିଦ କରିଥିଲେ। ତେଲ ନଦୀ ଅବବାହିକା ନିର୍ବାହୀ ଯନ୍ତ୍ରୀଙ୍କୁ ସମସ୍ତ ଜଳସେଚନ ପ୍ରକଳ୍ପର ଜଳ ଯେମିତି କେନାଲ ର ଶେଷମୁଣ୍ଡ ପର୍ଯ୍ୟନ୍ତ ପହଂଚି ପାରିବ ତାହାକୁ ସୁନିଶ୍ଚିତ କରିବା ପାଇଁ କହିଥିଲେ। ଏହାସହିତ ସାଟେଲାଇଟ ମାପିଂ ଓ ରବର ବେରେଜ ପରି ଅତ୍ୟାଧୁନିକ ଟେକ୍ନୋଲୋଜି ଆପଣେଇବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ଦୁର୍ଗା ଦାଶଙ୍କୁ ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗର ଉପଲବ୍ଧି ଏବଂ ବିଭାଗରେ ଖାଲି ପଡିଥିବା ପଦ ପଦବୀ ସମ୍ବନ୍ଧରେ ପଚାରି ବୁଝିଥିଲେ। ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ବିଭିନ୍ନ ଉପକରଣର କାର୍ଯ୍ୟ କାରିତା ସହିତ ଜଳଯୋଗାଣ, ଅଗ୍ନି ନିର୍ବାପକ ସମସ୍ୟା ଓ ସେହି ସ୍ଥାନର ପାର୍କିଂ ସମ୍ବନ୍ଧରେ ଆଲୋଚନା କରିଥିଲେ କ୍ଷ ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ ଜିଲ୍ଲାରେ ବିଭିନ୍ନ ଯୋଜନାର ହିତାଧିକାରୀ ମାନଙ୍କ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲାର ଜଣେ ବି କୃଷକ ଯେମିତି ଧାନ ବିକିବାରୁ ବଂଚିତ ହେବେନାହିଁ ଏବଂ ୪୮ ଘଣ୍ଟା ମଧରେ ନିଜର ବିକ୍ରୟ ପ୍ରାପ୍ୟ ପାଇବା ସହିତ ଦଲାଲି ରାଜ ର ଅନ୍ତ, କଟନୀ ଛଟନି ବନ୍ଦ ପ୍ରତି ଯତ୍ନବାନ ହେବାକୁ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ସିଂ ଦେଓ ପରାମର୍ଶ ଦେଇଥିଲେ। ମୃତିକା ସଂରକ୍ଷଣ ବିଭାଗ ଅଧିକାରୀ ତାଙ୍କ ବିଭାଗ କାର୍ଯ୍ୟର ରିପୋର୍ଟ ପ୍ରଦାନ କରିଥିଲେ ।

## ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂପର୍କରେ ସାମାଜିକ ବ୍ୟବହାର ପରିବର୍ତ୍ତନ ସଚେତନତା

କନ୍ଧମାଳ, ୧୨/୦୭ (ନି.ପ୍ର): ଫିରିଙ୍ଗିଆ, ଅଗ୍ରଣୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ ର ମିଳିତ ସହଯୋଗରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂପର୍କରେ କିପରି ସବୁ ସ୍ତରରେ ବ୍ୟବହାର ପରିବର୍ତନ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଫିରିଙ୍ଗିଆ ଠାରେ ଅନୁଷ୍ଠିତ ହୋଇଜଯଇଛି। ଏଥିରେ ଆଗ ଧାଡି ସ୍ୱାସ୍ଥ୍ୟ କର୍ମୀ ଏ.ଏନ୍.ଏମ୍, ଅଙ୍ଗନବାଡୀ କର୍ମୀ, ଆଶା, ସି.ଏଚ୍.ଓ, ଗାଁ କଲ୍ୟାଣ ସମିତି ର ସଭ୍ୟ ଓ ସଭ୍ୟା, ପଂଚାୟତ ପ୍ରତିନିଧି ଯୋଗଦାନ କରିଥିଲେ। ମାତୃ ଶିଶୁ ସ୍ୱାସ୍ଥ୍ୟ ର ମୁଖ୍ୟ ସମସ୍ୟା କମ୍ ଓଜନ ର ଶିଶୁ ଜନ୍ମ, ରକ୍ତ ହିନତା, କୁପୋଷଣ ଓ ଅନ୍ଧ ବିଶ୍ୱାଶ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରବୋଧ ପ୍ରଧାନ ବିଭିନ୍ନ ଅବହେଳିତ ଦିଗ ଅଂଶଗ୍ରହଣ କାରୀଙ୍କ ଆଗରେ ରଖିଥିଲେ। ଗାଁ କଲ୍ୟାଣ ସମିତି ର ବୈଠକ ର ଗୁରୁତ୍ୱ, ମମତା ଦିବସ ସଂପୂର୍ଣ୍ଣ ଉପସ୍ଥାନ ଓ ଶାଶୁ ବୋହୁ ସମ୍ମିଳନୀ ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ଏହାର ସମ୍ଭବ ବୋଲି ଉପସ୍ଥାନ କରିଥିଲେ। ଫିରିଙ୍ଗିଆ ମହିଳା ଓ ଶିଶୁ ବିକାଶ ଅଧିକାରୀ ନିବେଦିତା ପ୍ରଧାନ ଗର୍ଭବତୀ ମହିଳା ମାନେ ଉପଯୁକ୍ତ ଖାଦ୍ୟ ଗ୍ରହଣ ସହିତ ନିୟମିତ ବାଡିବଗିଚା ର ପନିପରିବା ଖାଇଲେ କୁପୋଷଣ କିଛି ମାତ୍ରାରେ କମ୍ଫରି ହେବ ତାଙ୍କ ମନ୍ତବ୍ୟରେ ରଖିଥିଲେ। ଆକ୍ସନ ଏଡ୍‌ର ଜିଲ୍ଲା ସଂଯୋଜିକା ସନ୍ଧ୍ୟାରାଣୀ ନାୟକ କିଶୋରୀ ଅବସ୍ଥାରେ ରକ୍ତହିନତା ଦୂର ପାଇଁ ଆଇରନ୍ ବଟିକା ସେବନର ପ୍ରକ୍ରିଆ ଓ ପ୍ରତି ଶନିବାରେ କିଶୋରୀ ମାନେ ଆଦ୍ୱିକା କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ଦକ୍ଷତା ବୃଦ୍ଧି ସହିତ କୌଶଳ ଶିକ୍ଷା କରି ନିଜେ ସ୍ୱାବଲମ୍ବି ହେବେ କହିଥିଲେ। ଲୁଇସିଂ ସରପଂଚ ସୁଦର୍ଶନ କହଁର ଗାଁ ଗହଳିର ଲୋକମାନଙ୍କୁ ସଚେତନତା କରିବା ପାଇଁ ପଂଚାୟତ ସ୍ତରରେ ଏହିଭଳି ସଭାର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଜିଲ୍ଲାରେ ପାଖା ପାଖି୧୦୦ ଜଣରୁ ୪ ଜଣ ଗର୍ଭବତୀ ମା ୧୮ ବର୍ଷରୁ କମ୍ ଥିବା ବେଳେ ପାଖାପାଖି ୧୦୦ ରୁ ୮ ଜଣ ଦୃବଳ ଶିଶୁ ଏକ ଗଭିର ଚିନ୍ତାର ବିଷୟ, ଏହି ଦିଗରେ ପଂଚାୟତ ର ମାସିକ ବୈଠକରେ ଆଲୋଚନା କୁ ତ୍ୱରାନିତ କରିବା ପାଇଁ ପଦକ୍ଷେପ ନେବେ ବୋଲି କହିଥିବା ବେଳେ ବାଲନ୍ଦାପଡା ସରପଂଚ ନିରାକାର ନାୟକ ଦୃବଳ ଶିଶୁ ଚିହ୍ନଟି କରିବା ଓ ସବୁବର୍ଗର ଲୋକ ଏହିଦିଗରେ ସଚେତନତା ହେବା ଆବଶ୍ୟକ ବୋଲି କହିଥିଲେ । ସ୍ୱାତୀ କାର୍ଯ୍ୟକରୁଥିବା ବାଲନ୍ଦାପଡା ଅଂଚଳର ମାତୃ ଓ ଶିଶୁ ସମ୍ବନ୍ଧିୟ ତଥ୍ୟ ବରିଷ୍ଠ କର୍ମୀ ପ୍ରଦୀପ କୁମାର ସ୍ୱାଇଁ ଉପସ୍ଥାପନ କରିଥିଲେ। ସ୍ୱାତୀ ର କୋଶାଧ୍ୟକ୍ଷ ଶାନ୍ତନୁ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଏହି ଅବସରରେ ସ୍ୱାତୀ ଦ୍ୱାରା ପ୍ରକାଶିତ ସାମାଜିକ ବ୍ୟବହାର ପରିବର୍ତନ ତଥ୍ୟଭିତିକ ବହି ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଏହି କାର୍ଯ୍ୟକ୍ରମ କୁ ପରିଚାଳନାରେ ସ୍ୱାତୀର କର୍ମୀ ଆଲୋକ ସାମନ୍ତ ରାଏ, ଶଶ୍ମିତା ନାୟକ, ବିବିସ୍ମିତା ନାୟକ, ବିନ୍ଧ୍ୟାରାଣୀ ପ୍ରଧାନ, ଗୌତମ ମଲ୍ଲିକ, ମାନସ ପ୍ରଧାନ, ଅପରାଜିତା ଜାନି, ସହଯୋଗ କରିଥିଲେ।

## ଖରିଫ୍ ଧାନ କ୍ରୟ ନେଇ ଖାଦ୍ୟଯୋଗାଣ ମନ୍ତ୍ରୀଙ୍କ ସମନ୍ୱୟ ବୈଠକ

ଭୁବନେଶ୍ୱର, ୧୨/୦୭ (ନି.ପ୍ର): ଆଗାମୀ ଖରିଫ ଋତୁରେ ଧାନକ୍ରୟ ନେଇ ଆଜି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମନ୍ତ୍ରୀ ଶ୍ରୀ ପାତ୍ର ରାଜ୍ୟରେ ଥିବା ମଣ୍ଡି ଏବଂ ଧାନକ୍ରୟ ସଂପର୍କିତ ପ୍ରଚଳିତ ବ୍ୟବସ୍ଥା ସଂପର୍କରେ ଅଧିକାରୀମାନଙ୍କଠାରୁ ପଚାରି ବୁଝିଥିଲେ । ରାଜ୍ୟ ସରକାର ଧାର୍ଯ୍ୟ କରିଥିବା ସର୍ବନିମ୍ନ ସହାୟକ ମୂଲ୍ୟରେ ଯେପରି ସମସ୍ତ ଚାଷୀ ଧାନ ବିକ୍ରି କରିପାରିବେ ଏବଂ ମଣ୍ଡିକୁ ଧାନ ଆଣୁଥିବା ଚାଷୀ ଯେପରି ହଇରାଣ ହରକତ ନହୁଅନ୍ତି ସେଥି ପ୍ରତି ଦୃଷ୍ଟି ଦେବାକୁ ମନ୍ତ୍ରୀ ଶ୍ରୀ ପାତ୍ର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ମଣ୍ଡି ସାଙ୍ଗରେ ଗୋଟିଏ କିମ୍ବା ଦୁଇଟି ମିଲରଙ୍କୁ ସଂଯୋଗ କରି ସେମାନଙ୍କ ଗାଡି ଠିକ୍ ସମୟରେ ମଣ୍ଡିକୁ ପହଞ୍ଚିବା ଏବଂ ଠିକ୍ ସମୟରେ ଧାନ ଉଠିବା ନେଇ ସୁନିଶ୍ଚିତ ହେବାକୁ ମନ୍ତ୍ରୀ ଶ୍ରୀ ପାତ୍ର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଯେହେତୁ ସମବାୟ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଧାନ କ୍ରୟରେ ଜଡିତ, ବିଭାଗୀୟ ଅଧିକାରୀମାନେ ସଂପୃକ୍ତ ବିଭାଗ ସହିତ ସମନ୍ୱୟ ରକ୍ଷା କରି ଚାଷୀମାନେ ଯେପରି ସୁବିଧାରେ ଧାନ ବିକ୍ରୟ କରିପାରିବେ ଏବଂ ମଣ୍ଡିକୁ ଆସୁଥିବା ଚାଷୀ ମଣ୍ଡିରେ ସମସ୍ତ ମୌଳିକ ସୁବିଧା ପାଇପାରିବେ ସେଥିନେଇ ପଦକ୍ଷେପ ନେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ ।

## ବିଶ୍ୱ ବ୍ୟବସ୍ଥାକୁ ଅଧିକ ଗଣତାନ୍ତ୍ରିକ କରୁଛି ବ୍ରିକ୍ସ- ଲୋକସଭା ଅଧ୍ୟକ୍ଷ

ନୂଆଦିଲ୍ଲୀ, ୧୨/୦୭ (ନି.ପ୍ର): ଋଷର ସେଂଟ ପିଟର୍ସବର୍ଗରେ ୧୦ମ ବ୍ରିକ୍ସ ସଂସଦୀୟ ମଂଚରେ ଭାରତୀୟ ଶିଷ୍ଟମଣ୍ଡଳର ନେତୃତ୍ୱ ନେଇଥିବା ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲା ଆଜି ପ୍ରଥମ ପୂର୍ଣ୍ଣ ଅଧିବେଶନକୁ ସମ୍ବୋଧିତ କରିଛନ୍ତି । ଏହି ଅଧିବେଶନର ବିଷୟ ଥିଲା-ବ୍ରିକ୍ସ ସଂସଦୀୟ ଆୟାମ: ଅନ୍ତର-ସଂସଦୀୟ ସହଯୋଗକୁ ସୁଦୃଢ଼ କରିବାର ସମ୍ଭାବନା' । ବିର୍ଲା କହିଛନ୍ତି ଯେ ବିକାଶଶୀଳ ଦେଶଗୁଡିକର ସ୍ୱାର୍ଥକୁ ପ୍ରତିନିଧିତ୍ୱ କରୁଥିବା ବ୍ରିକ୍ସ ବିଶ୍ୱ ଶାସନ ବ୍ୟବସ୍ଥାକୁ ଅଧିକ ଗଣତାନ୍ତ୍ରିକ କରିବା ଏବଂ ମିଳିତ ଜାତିସଂଘ ସୁରକ୍ଷା ପରିଷଦ, ବିଶ୍ୱ ବାଣିଜ୍ୟ ସଂଗଠନ ଭଳି ଆନ୍ତର୍ଜାତୀୟ ସଂଗଠନଗୁଡ଼ିକର ସଂସ୍କାର ଆଣିବା ପାଇଁ ପ୍ରତିବଦ୍ଧ। ସମାବେଶୀ ତଥା ନିରନ୍ତର ବିକାଶର ବ୍ରିକ୍ସ ଏଜେଣ୍ଡାକୁ ଆଗେଇ ନେବାରେ ସଂସଦ ଏବଂ ସଂସଦୀୟ ଦଳର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଗୁରୁତ୍ୱ ଦେଇ ବିର୍ଲା କହିଛନ୍ତି ଯେ ଭାରତ ଏହି ଦିଗରେ ସକ୍ରିୟ ଅଂଶଗ୍ରହଣ କରୁଛି। ଉଦୀୟମାନ ବଜାର ତଥା ବିକାଶଶୀଳ ଦେଶଗୁଡ଼ିକୁ ଏକୀକରଣ କରିବା ସହିତ ଭାରତର ପାରସ୍ପରିକ ସମ୍ମାନ, ବୁଝାମଣା, ସମାନତା, ଏକତା, ସ୍ୱଚ୍ଛତା, ଅନ୍ତର୍ଭୁକ୍ତିକରଣ ଏବଂ ସହମତି ଭିତ୍ତିରେ ଭାରତର ପ୍ରତିବଦ୍ଧତା ବିଷୟରେ ସେ ଆଲୋଚନା କରିଛନ୍ତି।

# ମୌସୁମୀରେ ତୁଳସୀ ପତ୍ରର ୫ ଉପକାରିତା

***ମୌସୁମୀ ଆଗମନରେ ଆରମ୍ଭ ହୋଇଯାଇଛି ବର୍ଷାଋତୁ। ଏହି ସମୟରେ ଥଣ୍ଡା, କାଶ ସମେତ ଅନେକ ସଂକ୍ରମଣ ଜନିତ ସ୍ୱାସ୍ଥ୍ୟ ସମସ୍ୟା ହେବାର ଆଶଙ୍କା ଅଧିକ। ଔଷଧ ସେବନରେ ମଧ ରୋଗ ଭଲ ହୋଇନଥାଏ। ତେଣୁ ପ୍ରାକୃତିକ ଉପାୟରେ ଥଣ୍ଡା, କାଶ ରୋକିବାର ମୁଖ୍ୟ ଉପାଦାନ ହେଉଛି ତୁଳସୀ ପତ୍ର। ଏଥିରେ ଆଣ୍ଟି-ବ୍ୟାକ୍ଟେରିଆଲ ଗୁଣ ସାଙ୍ଗକୁ ଅନେକ ପୋଷକ ତତ୍ତ୍ୱ ରହିଥାଏ। ବର୍ଷା ଋତୁରେ ତୁଳସୀ ପତ୍ର ଖାଇବା ଦ୍ୱାରା କି କି ଉପକାରିତା ମିଳିଥାଏ, ଜାଣନ୍ତୁ...***



*ଥଣ୍ଡା ଓ କାଶରୁ ଆରାମ ଦିଏ ତୁଳସୀ ପତ୍ର-* ବର୍ଷା ଋତୁରେ ଥଣ୍ଡା ଓ କାଶ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା। କିନ୍ତୁ ଏହା ଦୀର୍ଘ ଦିନ ପର୍ଯ୍ୟନ୍ତ ଲାଗି ରହିବା ଦ୍ୱାରା ସାମୁହିକ ସ୍ୱାସ୍ଥ୍ୟରେ ପ୍ରଭାବ ପଡିଥାଏ। ତେଣୁ ପ୍ରତିଦିନ ୮-୧୦ଟି ତୁଳସୀ ପତ୍ର ସେବନ କରନ୍ତୁ। ଏହା ଦ୍ୱାରା ଥଣ୍ଡା ଏବଂ କାଶର ସମସ୍ୟାକୁ ଏଡାଯାଇପାରିବ।

*କ୍ଷତ ବା ଘାକୁ ରୋକିଥାଏ ତୁଳସୀ ପତ୍ର-* ବର୍ଷା ଋତୁରେ ଯଦି ଶରୀରରେ କୌଣସି ପ୍ରକାରର ଆଘାତ ଲାଗିଯାଏ, ତେବେ ତୁଳସୀ ପତ୍ର ଏହାକୁ ରୋକି ପାରିବ। ନିୟମିତ ତୁଳସୀ ପତ୍ର ଖାଇବା ଦ୍ୱାରା କ୍ଷତ ଭଲ ହେବାର ସମ୍ଭାବନା ଅଧିକ। କାରଣ ତୁଳସୀରେ ଥିବା ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣ କ୍ଷତକୁ ବଢିବାକୁ ଦେଇନଥାଏ।

*ଗଳା ଯନ୍ତ୍ରଣା-* ପାଣିପାଗର ପରିବର୍ତ୍ତନ କାରଣରୁ ଶରୀରରେ ଅନେକ ପ୍ରକାରର ପରିବର୍ତ୍ତନ ଦେଖିବାକୁ ମିଳେ। ଏହି ଋତୁରେ ଗଳା ଯନ୍ତ୍ରଣା ମଧ ଏକ ସାଧାରଣ ସମସ୍ୟା। ତୁଳସୀ ପତ୍ର ସେବନ ଦ୍ୱାରା ଗଳା ଯନ୍ତ୍ରଣାକୁ ମଧ ରୋକା ଯାଇପାରିବ।

*କାଶ-* ଯଦି କାଶ ଲାଗି ରହୁଛି, ତେବେ ତୁଳସୀ ପତ୍ର ଖାଇବାର ଅଭ୍ୟାସ କରନ୍ତୁ। ତୁଳସୀ ପତ୍ର ସହ ଲବଙ୍ଗ ଖାଇବା ଦ୍ୱାରା କାଶ କମ୍ ହୋଇପାରେ।

*ରୋଗ ପ୍ରତିରୋଧକ ଶକ୍ତି-* ରୋଗ ପ୍ରତିରୋଧ କ୍ଷମତା ବୃଦ୍ଧି କରିବାରେ ତୁଳସୀ ପତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏଥିପାଇଁ କରୋନା ସମୟରେ ଡାକ୍ତରମାନେ ତୁଳସୀ ପତ୍ର ଏବଂ ଏହାର କାଢା ପିଇବାକୁ ପରାମର୍ଶ ଦେଇଥିଲେ। ତେଣୁ ବର୍ଷା ଋତୁରେ ମଧ ଇମ୍ୟୁନିଟିକୁ ଦୃଢ କରିବା ପାଇଁ ନିୟମିତ ତୁଳସୀ ପତ୍ର ସେବନ ସହ ଏହାର କାଢା ପିଅନ୍ତୁ।

# ଜଙ୍କ୍‌ଫୁଡ୍ ଲାଳସା କମାଏ ଚୁଇଂଗମ୍



ବେଳେ ବେଳେ ଅସମୟରେ ଅଧିକାଂଶ ଲୋକଙ୍କୁ ଜଙ୍କ୍‌ଫୁଡ୍ ଖାଇବାକୁ ଇଚ୍ଛା ହୁଏ। ତେବେ ଜଙ୍କ୍‌ଫୁଡ୍ ଖାଇବାର ଇଚ୍ଛାକୁ ପ୍ରଶମିତ କରିଥାଏ ଚୁଇଂଗମ୍। କେବଳ ସେତିକି ନୁହେଁ, ଅବସାଦ ଓ ଉଦ୍‌ବେଗକୁ ମଧ ଏହା କମ୍ କରେ। ଚୁଇଂଗମ୍ ଖାଉ ନଥିବା ଲୋକଙ୍କ ତୁଳନାରେ ଯେଉଁ ଲୋକମାନେ ୪୫ ମିନିଟ୍ ପର୍ଯ୍ୟନ୍ତ ସକାଳେ ଓ ଅପରାହ୍ଣରେ ଚୁଇଂଗମ୍ ଚୋବାଇ ଥିଲେ ସେମାନଙ୍କଠାରେ ଭୋକ, ଖାଦ୍ୟ ଖାଇବାର ଆସକ୍ତି, ତଥା ସ୍ନାକ୍ସ ଖାଇବା ପ୍ରତି ଆଗ୍ରହ କମ୍ ପରିଲକ୍ଷିତ ହୋଇଥିଲା ବୋଲି ୨୦୦୯ରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଥିଲା। ସେହିପରି ୨୦୧୧ରେ କରାଯାଇଥିବା ଅନ୍ୟ ଏକ ଅଧ୍ୟୟନରୁ ମଧ ଏହି ସମାନ କଥା ସାମ୍ନାକୁ ଆସିଥିଲା। ତା'ସହ ଅଧିକ ଶର୍କରା ଯୁକ୍ତ ଖାଦ୍ୟ ଖାଇବା ଆସକ୍ତି ଚୁଇଂଗମ୍ କମ୍ କରୁଥିବା ଏଥିରୁ ଜଣାପଡ଼ିଥିଲା।

୨୦୧୬ରେ ଇଟିଂ ବିହେବିୟର ଜର୍ଣ୍ଣାଲ ଅନୁସାରେ, ଚୁଇଂଗମ୍ ଚୋବାଇବା ଦ୍ୱାରା ମିଠା ତଥା ଲୁଣି ସ୍ନାକ୍ ଖାଇବା ଆସକ୍ତି କମ୍ ହୋଇଥାଏ। ଏହାସହ ଲୋକଙ୍କ ମାନସିକତାରେ ମଧ ପରିବର୍ତ୍ତନ ଆସେ। ତେବେ ଚୁଇଂଗମ୍ ଚୋବାଇବା ପ୍ରକ୍ରିୟାରେ ଲାଳ ଓ ଡାଇଜେସଟିଭ୍ ଏନ୍‌ଜାଇମ୍ କ୍ଷରଣ ଉତ୍ତେଜିତ ହୁଏ। ଫଳରେ କ୍ଷୁଧା କମାଇବାରେ ଏହା ସାହାଯ୍ୟ କରେ। ସେହିପରି ବିଭିନ୍ନ ପ୍ରକାର ଚୁଇଂଗମ୍ ବଜାରରେ ଉପଲବ୍ଧ। ନିତିଦିନ ଯେଉଁ ଚୁଇଂଗମ୍ ଖାଆନ୍ତି, ତାହାକୁ ଚୋବାଇବା ମଧ ଉତ୍ତମ। ତେବେ ସୁଗାର ଫ୍ରି ଚୁଇଂଗମ୍ ସବୁଠୁ ଭଲ। ସେହିପରି ଖାଦ୍ୟ ଖାଇବାର କିଛି ସମୟ ପୂର୍ବରୁ ଏହାକୁ ଚୋବାଇବା ଉଚିତ। ଏହାବାଦ୍ ଖାଦ୍ୟ ଖାଇସାରିବା ପରେ ମଧ ଚୁଇଂଗମ୍ ଚୋବାଇଲେ ତାହା ଖାଦ୍ୟ ହଜମରେ ସାହାଯ୍ୟ କରେ।

# ଘରେ ତିଆରି କରନ୍ତୁ ମସରୁମର ଏହି ସୁନ୍ଦର ରେସିପି



ଆବଶ୍ୟକ ସାମଗ୍ରୀ: ଛତୁ, ଆଳୁ, ଅଦା, ପିଆଜ, ରସୁଣ ଛେଚା, କଟା କଞ୍ଚାଲଙ୍କା, କଟା ଧନିଆ ପତ୍ର, କର୍ଣ୍ଣଫ୍ଲୋର ପାଉଡର, ବେସନ, ଲଙ୍କା ଗୁଣ୍ଡ,ସୋୟା ସସ୍,ଟମାଟୋ ସସ୍,ଚିଲ୍ଲି ସସ୍,ଭିନେଗାର,ଚାଇନା ସଲ୍ଟ, ବ୍ରେଡ୍ କ୍ରମ୍ବ,ଲୁଣ ଓ ରିଫାଇନ୍ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଛତୁକୁ ଭଲଭାବେ ଧୋଇ ଛୋଟ ଛୋଟ କରି କାଟି ଦିଅନ୍ତୁ। ଏହାପରେ ୨ଟି ଆଳୁକୁ ପ୍ରେସର କୁକରରେ ସିଝାଇ ଏକ ପାତ୍ରରେ ରଖନ୍ତୁ। ଛତୁରେ ପିଆଜ,ରସୁଣ,ଅଦା ଛେଚାର ମିଶ୍ରଣକୁ ପକାଇ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ କର୍ଣ୍ଣଫ୍ଲୋର,ଅଳ୍ପ ବେସନ,ଚାଇନା ସଲ୍ଟ,ସୋୟା ସସ୍,ଟମାଟୋ ସସ୍,ଚିଲ୍ଲି ସସ୍, ଲଙ୍କା ଗୁଣ୍ଡ,ଅଳ୍ପ ଲୁଣ, ଭିନେଗାର ଓ ଅଳ୍ପ ପାଣି ପକାଇ ଗୋଳାଇ ଦିଅନ୍ତୁ। ଏହି ମିଶ୍ରଣକୁ ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ଘୋଡେଇ ରଖି ଦିଅନ୍ତୁ ।

ମନେରଖନ୍ତୁ ମିଶ୍ରଣଟି ବହଳିଆ ଓ ଶୁଖିଲା ରହିବ। ବେଶୀ ପାଣି ପକାଇବେ ନାହିଁ। ଅଧଘଣ୍ଟା ପରେ ଏହି ମିଶ୍ରଣକୁ କାଢି ସେଥିରେ ସିଝା ଆଳୁକୁ ଚକଟି ଦିଅନ୍ତୁ।ଏହାପରେ ସେଥିରେ ଗୋଲ ଗୋଲ୍ ଚପ୍ ଆକାରର ଗଢି ଏକ ପାତ୍ରରେ ରଖନ୍ତୁ। ଏହାପରେ ବ୍ରେଡ୍ କ୍ରମ୍ବରେ ଚପ୍ ଗୁଡିକ ମିଶାଇ ଏକ ପାତ୍ରରେ ରଖନ୍ତୁ ।

ଏହାପରେ କରେଇଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ଚପ୍ ଗୁଡିକ ତେଲରେ ପକାନ୍ତୁ। ଚପୟର ୨ ପଟ ଗୋଲଡ୍ରେନ୍ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଛାଣନ୍ତ।ଏହିପରି ସବୁ ଚପ୍ ଗୁଡିକ ଛାଣିବା ପରେ ଚୁଲି ବନ୍ଦ କରି ଚପ୍ ଗୁଡିକ ଏକ ପାତ୍ରରେ ରଖନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଗରମାଗରମ ମସରୁମ୍ କଟଲେଟ।

# କେବଳ ଜାମୁକୋଳି ନୁହେଁ, ପତ୍ର ଆଉ ମଞ୍ଜି ଖାଇଲେ ବି ମଧୁମେହ ଭଲ ହୋଇଯିବ !



ସମଗ୍ର ବିଶ୍ୱରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜୀବନଶୈଳୀକୁ ନେଇ ଜଡ଼ିତ ଏହି ରୋଗର ବର୍ତ୍ତମାନ ସୁଧା କୌଣସି ନିର୍ଦ୍ଦିଷ୍ଟ ଉପଶମକାରୀ ଔଷଧ ଆବିଷ୍କାର ହୋଇ ପାରିନାହିଁ। କେବଳ ଖାଦ୍ୟପେୟରେ କଟକଣା ମାଧ୍ୟମରେ ମଧୁମେହକୁ ନିୟନ୍ତ୍ରଣ କରାଯାଇ ପାରିବ। ତେଣୁ ମଧୁମେହ ରୋଗୀ କ'ଣ ଖାଇବେ ଓ କ'ଣ ନ ଖାଇବେ ତାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ମଧୁମେହ ରୋଗୀଙ୍କୁ ବିଭିନ୍ନ ପ୍ରକାର ଫଳ ଖାଇବାକୁ ବାରଣ କରାଯାଉ ଥିଲେ ମଧ ଜାମୁକୋଳି ଏକ ଏପରି ଫଳ ଯାହା ମଧୁମେହ ରୋଗୀଙ୍କ ପାଇଁ ବେଶ୍ ଉପକାରୀ। କେବଳ ଜାମୁକୋଳି ନୁହେଁ, ଏହାର ପତ୍ର, ଫଳ ଏବଂ ମଞ୍ଜି ମଧ ମଧୁମେହ ରୋଗୀଙ୍କ ପାଇଁ ଉପକାରୀ ବୋଲି ବିବେଚନା କରାଯାଏ। ଏହାକୁ କିପରି ବ୍ୟବହାର କରିବେ, ଜାଣନ୍ତୁ...

*ମଧୁମେହରେ ଜାମୁକୋଳି କିପରି ଲାଭଦାୟକ:-*

ଜାମୁକୋଳି ମଞ୍ଜି: ଜାମୁକୋଳି ମଞ୍ଜିରେ ଜାମ୍ବୋଲିନ୍ ନାମକ ଏକ ଯୌଗିକ ଥାଏ, ଯାହାର ମଧୁମେହ ବିରୋଧୀ ଗୁଣ ରହିଛି। ଏହି ଯୌଗିକ ରକ୍ତରେ ଶର୍କରା ସ୍ତର ହ୍ରାସ କରିବାରେ ସାହାଯ୍ୟ କରିଥାଏ।

*ଜାମୁକୋଳି ପତ୍ର:* ଜାମୁକୋଳି ପତ୍ର ଇନସୁଲିନ୍ ଉତ୍ପାଦନ ବୃଦ୍ଧି କରିଥାଏ ଏବଂ ରକ୍ତରେ ଶର୍କରା ସ୍ତରକୁ ହ୍ରାସ କରିଥାଏ। ଆହୁରି ମଧ ଜାମୁକୋଳି ପତ୍ରରେ ଆଣ୍ଟିହାଇପରଲିପିଡେମିକ୍, ଆଣ୍ଟିହାଇପର ଗ୍ଲିସେମିକ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭଳି ଗୁଣ ମିଳିଥାଏ। ଯେଉଁ କାରଣରୁ ରକ୍ତରେ ଶର୍କରା ନିୟନ୍ତ୍ରିତ ହୁଏ, ଏହାର ପତ୍ର ଅକ୍ସିଡେଟିଭ୍ ଚାପ ଏବଂ ପ୍ରଦାହକୁ ମଧ ହ୍ରାସ କରିଥାଏ।

*ଜାମୁକୋଳି:* ଜାମୁକୋଳି ଇନସୁଲିନ୍ ବୃଦ୍ଧିରେ ସାହାଯ୍ୟ କରେ, ଯାହା ଗ୍ଲୁକୋଜକୁ ସହଜରେ କୋଷରେ ପ୍ରବେଶ କରିବାକୁ ଦେଇଥାଏ ଏବଂ ରକ୍ତରେ ଶର୍କରା ସ୍ତର ହ୍ରାସ କରିଥାଏ। ଏଥିରେ ଥିବା ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟ ରକ୍ତରେ ଶର୍କରା ଅବଶୋଷଣକୁ ମନ୍ଥର କରିବାରେ ସାହାଯ୍ୟ କରିଥାଏ। ଏହା ଫଳରେ ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣ ହୋଇଥାଏ।

*ମଧୁମେହରେ ଜାମୁକୋଳିକୁ କିପରି ବ୍ୟବହାର କରିବେ*

ଜାମୁକୋଳି ମଞ୍ଜିରୁ ପାଉଡର ତିଆରି କରି ଏହାକୁ ଖାଇପାରିବେ। ପ୍ରତିଦିନ ସକାଳେ ଖାଲି ପେଟରେ ପାଉଡରରେ ପାଣି ମିଶାଇ ପିଇପାରିବେ। ଏହା କରିବା ଦ୍ୱାରା ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣରେ ରହିପାରେ। ଏହା ପେଟ ସମ୍ବନ୍ଧୀୟ ସମସ୍ୟାରୁ ମଧ ଆରାମ ଦେଇପାରେ।

୨୫୦ ଗ୍ରାମ ଜାମୁକୋଳିକୁ ଅଧା ଲିଟର ପାଣିରେ ଭଲ ଭାବରେ ଫୁଟାନ୍ତୁ। ଭଲ ବାବେ ପାଣି ଫୁଟିଯିବା ପରେ ଜାମୁକୋଳିକୁ ଭଲ ଭାବେ ଚକଟି ମଞ୍ଜି ଏବଂ ଚୋପାକୁ ବାହାର କରି ଦିଅନ୍ତୁ। ପ୍ରତିଦିନ ଏହି ପାଣି ପିଅନ୍ତୁ।

ଜାମୁକୋଳି ପତ୍ରର ପାଉଡର ମଧ ପ୍ରସ୍ତୁତ କରିପାରିବେ। ଏହି ପାଉଡରକୁ ସକାଳେ ଏବଂ ସନ୍ଧ୍ୟାରେ କାଢ଼ା ଭଳି ପିଇପାରିବେ।

# ଭାରତରେ ୪.୯% ଶିଶୁ-କିଶୋର କିଡ୍‌ନି ସମସ୍ୟାରେ ପୀଡ଼ିତ



ଏକ ସର୍ଭେ ରିପୋର୍ଟ ଅନୁଯାୟୀ, ଭାରତରେ ପ୍ରାୟ ୪.୯% ଶିଶୁ ଓ କିଶୋର କିଡ୍‌ନି ସମସ୍ୟାରେ ପୀଡ଼ିତ। ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ- ଭଟିଣ୍ଡା ଓ ବିଜୟପୁର ଏବଂ ଜର୍ଜ ଇନଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ହେଲ୍ଥ ଇଣ୍ଡିଆର ଗବେଷକଙ୍କ ଦ୍ୱାରା ୨୦୧୬ରୁ ୨୦୧୮ ମଧରେ ୫ରୁ ୧୯ ବର୍ଷ ବୟସର ୨୪,୬୯୦ ଶିଶୁ ଓ କିଶୋରଙ୍କୁ ନେଇ ଏହି ନୂତନ ଅଧ୍ୟୟନ କରାଯାଇଥିଲା, ଯାହା ବ୍ୟାପକ ଜାତୀୟ ପୋଷଣ ସର୍ବେକ୍ଷଣ (ସିଏନ୍‌ଏନ୍‌ଏସ୍) ଉପରେ ଆଧାରିତ ଥିଲା। ଫଳାଫଳରୁ ଜଣାପଡିଛି ଯେ ୪.୯% (ପ୍ରତି ୧୦୦ରେ ପ୍ରାୟ ୫ ଜଣ ବା ପ୍ରତି ହଜାରରେ ୪୯ ଜଣ) ଶିଶୁ ଓ କିଶୋର ଦୁରାରୋଗ୍ୟ କିଡ୍‌ନି ସମସ୍ୟାରେ ପୀଡ଼ିତ। ବୟସ, ଗ୍ରାମୀଣ ବାସସ୍ଥାନ, ମାତାଙ୍କ ଶିକ୍ଷାର ଅଭାବ ଓ ପୁଷ୍ଟିହୀନତା ଏହାର ପ୍ରମୁଖ କାରଣ ମଧରୁ ଅନ୍ୟତମ। ଶିଶୁ ସ୍ୱାସ୍ଥ୍ୟ ଫଳାଫଳରେ ଉନ୍ନତି ଆଣିବା ପାଇଁ ଏସବୁ ବିଷୟର ସମାଧାନ କରିବା ଜରୁରୀ ବୋଲି ଜର୍ଜ ଇନଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ହେଲ୍ଥ, ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ବିବେକାନନ୍ଦ ଝା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି। ଏହି କିଡ୍‌ନି ସମସ୍ୟା ବିଶେଷ କରି ପୁଅପିଲାଙ୍କଠାରେ ଓ ଗ୍ରାମାଞ୍ଚଳରେ ଅଧିକ ଦେଖିବାକୁ ମିଳିଥିଲା।

# ରୂପା ନିର୍ମିତ ମାଛ ଘରେ ରଖିବା ହୋଇଥାଏ ଶୁଭ

ମାନ୍ୟତା ଅନୁସାରେ ରୁପା ସବୁଠାରୁ ଶୁଦ୍ଧ ଓ ଶୀତଳ ଧାତୁ ହୋଇଥାଏ। ସେହି ଧାତୁକୁ ବ୍ୟବହାର କରି ଶୁଭ ତଥା ମଙ୍ଗଳମୟ ପ୍ରତିମା, ଯେପରି ମୟୁର , ଗାଈ, ହାତୀ , ସିଂହ ଓ ମାଛ ତିଆରି କରାଯାଏ। ତେବେ ଚାଲନ୍ତୁ ଜାଣିବା ରୂପାରେ ତିଆରି ମାଛକୁ ରଖିବାର ମହତ୍ୱ ଏବଂ ଏହାକୁ ଘରେ ରଖିବା ଦ୍ୱାରା କ'ଣ ଲାଭ ମିଳିଥାଏ ।

◆ଅଧିକାଂଶ ଲୋକେ ରୁପାରେ ତିଆରି ହୋଇଥିବା ମାଛକୁ ପୂଜାସ୍ଥଳରେ ରଖିଥାନ୍ତି। ଏହାଦ୍ୱାରା ଘରେ ସକାରାତ୍ମକ ଶକ୍ତି ସଂଚାର ହୁଏ।

◆ରୁପାର ମାଛ ଘରେ ରଖିବା ଦ୍ୱାରା ସବୁ କ୍ଷେତ୍ରରୁ ଶୁଭ ଓ ମଙ୍ଗଳମୟ ଖବର ପ୍ରାପ୍ତି ହୋଇଥାଏ। ରୁପାର ମାଛକୁ ସକାଳୁ ଉଠି ପ୍ରଥମେ ଦର୍ଶନ କରିବା ଫଳରେ ଦିନଟି ଶୁଭ ହେବା ସହ ମନରେ ପ୍ରସନ୍ନତା ଭରି ରହିଥାଏ।

◆ବେପାରରେ ଉନ୍ନତି ପାଇଁ ଦୋକାନ ଖୋଲିବା ପରେ ସର୍ବ ପ୍ରଥମେ ରୁପା ମାଛକୁ ଦର୍ଶନ କରନ୍ତୁ।

◆କ୍ୟାରିୟରରେ ଉନ୍ନତି ପାଇଁ ମଧ ପଢ଼ାଘରେ ରୂପା ମୂର୍ତ୍ତିକୁ ସଜାଇ ରଖିପାରିବେ। ଜୀବନରେ ଉନ୍ନତି ପାଇଁ ଉପହାରରେ ମଧ ରୁପା ମୂର୍ତ୍ତି ଦିଆଯିବା ଅତ୍ୟନ୍ତ ଶୁଭଫଳ ପ୍ରଦାନ କରିଥାଏ।

◆ଘରେ ରୁପା ମାଛ ରଖିବା ଦ୍ୱାରା ପରିବାରର ସମସ୍ତ ସଦସ୍ୟ ଆରୋଗ୍ୟ ରହିଥାନ୍ତି। ପର୍ସରେ ଏକ ଛୋଟ ରୂପା ମାଛ ରଖିବା ଦ୍ୱାରା ଆର୍ଥିକ ଉନ୍ନତି ପରିଲକ୍ଷିତ ହୋଇଥାଏ।



# ଧନବୃଦ୍ଧି ପାଇଁ ଉତ୍ତର ଦିଗ ସମ୍ପର୍କିତ ବାସ୍ତୁ ଟିପ୍ସ

*ବାସ୍ତୁଶାସ୍ତ୍ରରେ ପ୍ରତ୍ୟେକ ଦିଗର ଭିନ୍ନ ମହତ୍ତ୍ୱ ଓ ଗୁରୁତ୍ୱ ଅଛି। ଏହି ଧାରାରେ ଧନର ଦେବତା କୁବେରଙ୍କୁ ଉତ୍ତର ଦିଗର ସ୍ୱାମୀ ବୋଲି କୁହଯାଏ। ତେଣୁ ଉତ୍ତର ଦିଗ ହେଉଛି ଧନଦାୟକ। ଧନଲାଭ ପାଇଁ ଘରର ଉତ୍ତର ଦିଗ ସମ୍ପର୍କିତ କିଛି ବାସ୍ତୁ ନିୟମକୁ ମାନିବା ଉଚିତ। ଯଥା –*



■ଘରର ଉତ୍ତର ଦିଗ କାନ୍ଥରେ ସବୁବେଳେ ହାଲୁକା ନୀଳ ରଙ୍ଗ ବ୍ୟବହାର କରିବା ଉଚିତ।

■ଉତ୍ତର ଦିଗରେ ଆଇନା ଲଗାଇବା ଶୁଭ ଅଟେ।

■ଉତ୍ତର ଦିଗରେ କୌଣସି କୋଣ ଭଙ୍ଗା ବା କଟା ହୋଇଥିବା ଉଚିତ ନୁହେଁ। କାନ୍ଥରେ ଫାଟ ପଡ଼ିବା ମଧ ଉଚିତ ନୁହେଁ।

■ବାସ୍ତୁ ଅନୁଯାୟୀ, ଘରର ଉତ୍ତର ଦିଗରେ ତୁଳସୀ ଗଛ ଲଗାଇବା ଅତ୍ୟନ୍ତ ଲାଭଦାୟକ। ଏହାଦ୍ୱାରା ଘରେ ସକାରାତ୍ମକ ଶକ୍ତି ସହିତ ସୁଖସମୃଦ୍ଧି ଆସିଥାଏ। ତୁଳସୀ ପୂଜନ ଦ୍ୱାରା ମା' ଲକ୍ଷ୍ମୀଙ୍କ କୃପାଦୃଷ୍ଟି ପଡ଼ିଥାଏ।

■ଆଲମାରୀ ବା ଟଙ୍କାପଇସା ରଖୁଥିବା ବକ୍ସକୁ ଦକ୍ଷିଣ କାନ୍ଥ ପାଖରେ ରଖୀବା ଦରକାର, ଯେପରିକି ଏହାର ମୁହଁ ଉତ୍ତର ଦିଗ ଆଡ଼କୁ ଖୋଲୁଥିବ। ଏଭଳି କରିବା ଦ୍ୱାରା ଘରେ କେବେ ମଧ ଅର୍ଥର ଅଭାବ ରୁହେ ନାହିଁ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୩ ଜୁଲାଇ୍ ୨୦୨୪, ଶନିବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅନୁନ୍ନତ ଜାତିର ବିକାଶ

ଭାରତବର୍ଷ ଏକ ଆଦିବାସୀବହୁଳ ଦେଶ ଭାବରେ ପୃଥିବୀରେ ପରିଗଣିତ। ଦେଶର ସମୁଦାୟ ଲୋକସଂଖ୍ୟାର ଶତକଡ଼ା ୭.୫ ଭାଗ ହେଉଛନ୍ତି ଆଦିବାସୀ। ସେଥିମଧ୍ୟରୁ ଶତକଡ଼ା ୮୨ ଭାଗ ଆଦିବାସୀ କେବଳ ମଧ୍ୟପ୍ରଦେଶ, ଓଡ଼ିଶା, ବିହାର, ଗୁଜୁରାଟ ଓ ମହାରାଷ୍ଟ୍ର ପ୍ରଦେଶରେ ବସବାସ କରନ୍ତି। ୧୯୮୧ ଜନଗଣନା ଅନୁଯାୟୀ ୫ କୋଟି ୧୬ ଲକ୍ଷ ଆଦିବାସୀ ଭାରତରେ ବସବାସ କରୁଥିବା ବେଳେ ୨୦୧୧ ଜନଗଣନା ଅନୁଯାୟୀ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୦ କୋଟି ୪୩ ଲକ୍ଷରେ ପହଞ୍ଚିଛି। ଏବେ ୭୦୫ ପ୍ରଜାତିର ଆଦିବାସୀ ଭାରତର ବିଭିନ୍ନ ପ୍ରଦେଶରେ ବସବାସ କରୁଛନ୍ତି। ୨୦୨୩ ମସିହା ସୁଦ୍ଧା ଭାରତର ମୋଟ ଜନସଂଖ୍ୟାରେ ଆଦିବାସୀଙ୍କ ସଂଖ୍ୟା ଶତକଡ଼ା ୮.୬ ଭାଗ। ଓଡ଼ିଶାରେ ୬୨ ପ୍ରଜାତିର ଆଦିବାସୀ ବାସ କରୁଥିବା ବେଳେ ୨୦୧୧ ଜନଗଣନା ସେମାନଙ୍କ ସଂଖ୍ୟା ଥିଲା ୯୫୯୦୭୫୬, ଯାହା ମୋଟ ଜନସଂଖ୍ୟାର ୨୨ ଭାଗ। ଦେଶ ସ୍ୱାଧୀନ ହେଲା ପୂର୍ବରୁ ଅଧିକାଂଶ ଆଦବାସୀ ନିରକ୍ଷର, ନିଷ୍ପେସିତ ଓ ଉତ୍କଟ ଦାରିଦ୍ର୍ୟ, ଅନାହାର, ଅନାବୃତ୍ତ ଅବସ୍ଥାରେ ଜୀବନ ବିତାଉଥିଲେ। ଆଜି କିନ୍ତୁ ସେ ଅବସ୍ଥା ନାହିଁ, ତଥାପି ଆର୍ଥିକ ଅନଟନ ମଧ୍ୟରେ ଜୀବନ ବିତାଇବାକୁ ସେମାନଙ୍କୁ ପଡୁଛି। ମୋଟ ଆଦିବାସୀ ଜନସଂଖ୍ୟାର ଶତକଡ଼ା ୯୮ ଭାଗ ଗାଁ ଗହଳି ତଥା ଜଙ୍ଗଲରେ ବାସ କରନ୍ତି। ସେମାନଙ୍କ ମଧ୍ୟରୁ ଶତକଡ଼ା ୯୩ ଭାଗ କୃଷି ଓ ବନଜାତ ପଦାର୍ଥ ସଂଗ୍ରହ ଓ ବିକ୍ରି ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଅମଳ ପରେ ଖୁବ୍ ଶସ୍ତାରେ ବେପାରିମାନଙ୍କୁ ଶସ୍ୟ ବିକ୍ରି କରି ଯାହା କିଛି ମିଳେ ସେଥିରେ ସାହୁକାରମାନଙ୍କଠାରୁ ନେଇଥିବା କରଜ ଶୁଝନ୍ତି। ତେଣୁ ଜୀବନ ବଞ୍ଚାଇବା ପାଇଁ ବାଧ ହୋଇ ବଣର ଫଳମୂଳ ଖାଇ ବଞ୍ଚୁଥିବା ଦେଖାଯାଉଛି। ପୂର୍ବେ ଆଦିବାସୀମାନେ ସାହୁକାରମାନଙ୍କଠାରୁ ଅଗ୍ରୀମ ଋଣ ଆଣି ଚାଷ କରୁଥିଲେ। ଧାନ ଓ ବନଜାତ ପଦାର୍ଥ ଖୁବ୍ କମ୍‌ମୂଲ୍ୟରେ ସାହୁକାରମାନଙ୍କୁ ବିକ୍ରିକରି ଦେଉଥିଲେ, ସେମାନଙ୍କର କରଜ ଶୁଝିବା ପାଇଁ। ଏପରିକି ସାହୁକାରମାନେ ସେମାନଙ୍କୁ ଓଜନରେ ଠକେଇ କରି ନେଉଥିବା ଅଭିଯୋଗ ହୋଇଆସୁଥିଲା। କେତେକ ଆଦିବାସୀ କୃଷି ଓ ବନଜାତ ପଦାର୍ଥକୁ ବହୁଦୂର ଚାଲି ଚାଲି, ବହୁ କଷ୍ଟରେ ଭାରରେ ବୋହି ସାପ୍ତାହିକ ଅସ୍ଥାୟୀ ହାଟକୁ ନେଇ ବିକ୍ରି କରୁଥିଲେ। ଅସାଧୁ ବ୍ୟବସାୟୀ ଓ ସାହୁକାରମାନଙ୍କ କବଳରୁ ଆଦିବାସୀମାନଙ୍କୁ ରକ୍ଷା କରିବା ତଥା ସେମାନଙ୍କର ଦ୍ରୁତ ଆର୍ଥିକ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ପଞ୍ଚମ ପଞ୍ଚବାର୍ଷିକ ଯୋଜନାରେ ଆଦିବାସୀ ଉନ୍ନୟନ ବ୍ଲକମାନ କାର୍ଯ୍ୟକାରୀ କଲେ। ସମଗ୍ର ଦେଶରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ)ମାନ ଗଠନ କରାଗଲା ଏବଂ ସେଗୁଡ଼ିକର ପରିଚାଳନା ଦାୟିତ୍ୱ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଉପରେ ନ୍ୟସ୍ତ କରାଗଲା। ସରକାର ସମବାୟ ମାଧ୍ୟମରେ ଆନୁସଙ୍ଗିକ ସଂସ୍ଥା ଜରିଆରେ ସୁଲଭ ସୁଧରେ ଋଣ ଯୋଗାଇ ଦେବା ସହିତ ସେମାନଙ୍କ ବନଜାତ ଓ କୃଷିଜାତ ପଦାର୍ଥକୁ ସହାୟକ ଦରରେ କିଣିବା, ଶସ୍ତାରେ ଖାଉଟି ତଥା ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥ ଯୋଗାଇବାର ବ୍ୟବସ୍ଥା କଲେ। କେନ୍ଦ୍ର ସରକାର ବାୱା କମିଟି ସମେତ ବିଭିନ୍ନ କମିଟିର ସୁପାରିସ ଆଧାରରେ ଗୋଟିଏ ସଂସ୍ଥା ଜରିଆରେ ସମସ୍ତ ପଦାର୍ଥ ଯୋଗାଇବା ପାଇଁ ବହୁବିଧ ଆଦିବାସୀ ସମବାୟ ସମିତି(ଲାମ୍ପସ୍)ଗଠନ କଲେ। ଦେଶର ବାଣିଜ୍ୟିକ ବ୍ୟାଙ୍କ ଓ କେତେକ ରାଜ୍ୟ ସମବାୟ ବ୍ୟାଙ୍କ ଆଦିବାସୀମାନଙ୍କୁ ମାତ୍ର ୪ ଶତକଡ଼ା ସୁଧ ହାରରେ ଋଣ ଯୋଗାଇ ଦେଲେ। ୩୦.୦୬.୧୯୮୫ ତାରିଖ ସୁଦ୍ଧା ଭାରତରେ ୨୬୫୦ଟି ପ୍ରାଥମିକ ବୃହଦାକାର ବିବିଧ ଆଦିବାସୀ ସମବାୟ ସମିତି ଗଠିତ ହୋଇ ଆଦିବାସୀମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେଲେ। କ୍ରମେ ଏହି ସଂଖ୍ୟା ଏବେ ୫୫୧୮ରେ ପହଞ୍ଚିଛି। ଆମ ରାଜ୍ୟରେ ଏବେ ୨୧୫ ଗୋଟି ଲାମ୍ପସ୍ କାର୍ଯ୍ୟକାରୀ ହେଉଛି। ଏତଦ୍‌ବ୍ୟତୀତ ୧୯୮୩ ମସିହା ଜୁନ ସୁଦ୍ଧା ଓଡ଼ିଶାରେ ୧୫ଟି ସମେତ ସମଗ୍ର ଭାରତରେ ୧୬୩୪ଟି ବନ ଶ୍ରମିକ ସମବାୟ ସମିତି କାର୍ଯ୍ୟ କରୁଛି। ୨୦୨୩ ମସିହା ସୁଦ୍ଧା କଣ୍ଟ୍ରାକ୍ଟ, ନିର୍ମାଣ, ଶ୍ରମିକ ଓ ବନଶ୍ରମିକ ସମବାୟ ସମିତିକୁ ମିଶାଇ ମୋଟ ୪୪, ୧୪୩ଗୋଟି ସମବାୟ ସମିତି କାର୍ଯ୍ୟ କରୁଛି। ଲାମ୍ପସ୍‌ମାନଙ୍କୁ ବନଜାତ ତଥା କୃଷି ପଦାର୍ଥର କିଣାବିକାରେ ସହଯୋଗ କରିବା ପାଇଁ ଆନ୍ଧ୍ର ପ୍ରଦେଶ, ଓଡ଼ିଶା, କେରଳ, ମଧ୍ୟପ୍ରଦେଶ, ବିହାର, ମଣିପୁର, ତ୍ରିପୁରା, ମହାରାଷ୍ଟ୍ର ଓ ରାଜସ୍ଥାନ ପ୍ରଭୃତି ରାଜ୍ୟମାନଙ୍କରେ ୧୦ଗୋଟି ରାଜ୍ୟ ଆଦିବାସୀ ଉନ୍ନୟନ ସମବାୟ ନିଗମ (ଆଇଟିଡିସି) ଗଠନ ହୋଇଛି। ୧୯୭୪ ମସିହାରୁ ଜାତୀୟ ଆଦିବାସୀ ଉନ୍ନୟନ ସମବାୟ ନିଗମ ବହୁବିଧ ଆଦିବାସୀ ସମବାୟ ସମିତିମାନଙ୍କୁ ମୂଳଧନର ଅଭିବୃଦ୍ଧି ଓ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ବିଭିନ୍ନ ପ୍ରକାର ସାହାଯ୍ୟ ତଥା ରିହାତି ହାରରେ ଋଣ ଯୋଗାଇ ଦେଉଛନ୍ତି। ଜାତୀୟ ଉନ୍ନୟନ ସମବାୟ ନିଗମ ସମିତିମାନଙ୍କୁ କିଣାବିକା କରିବା ପାଇଁ ଅଂଶଧନ, ଗୋଦାମ ଗୃହ ନିର୍ମାଣ ଓ ଟ୍ରକ୍ କିଣିବା ପାଇଁ ରିହାତି ହାରରେ ପୁଞ୍ଜିଋଣ ପ୍ରଦାନ କରୁଛି। ବିଭିନ୍ନ କ୍ଷେତ୍ରରେ ସମବାୟ ସମିତି କର୍ମଚାରୀମାନଙ୍କର ତାଲିମ ବ୍ୟବସ୍ଥା ତଥା ପର୍ଯ୍ୟାୟକ୍ରମେ ପରିଚାଳନା ଅନୁଦାନ ଯୋଗାଇ ଆସୁଛି। ଏହାଛଡ଼ା କୃଷି ଉତ୍ପାଦନ, ବନଜାତ ପଦାର୍ଥର ସଂଗ୍ରହ ଓ କିଣାବିକା ପାଇଁ ସମବାୟ ବ୍ୟାଙ୍କମାନେ ଲାମ୍ପସ୍ ଆଦିବାସୀ ତଥା ହରିଜନ ଉନ୍ନୟନ ସମବାୟ ନିଗମମାନଙ୍କୁ ଋଣ ଯୋଗାଉଛନ୍ତି। ଏ ଦିଗରେ ନାବାର୍ଡ ମଧ୍ୟ ପୁନଃ ଅର୍ଥଲଗାଣ କରୁଛନ୍ତି। ପୁନଶ୍ଚ ଜାତୀୟ କୃଷି ବଜାର ସମବାୟ ସଂଘ (ନାଫେଡ୍) ରାଜ୍ୟ ଆଦିବାସୀ ଉନ୍ନୟନ ସମବାୟ ନିଗମମାନଙ୍କଠାରୁ ବିଦେଶରେ ବିକ୍ରୀ କରିବା ପାଇଁ ବନଜାତ ପଦାର୍ଥ କିଣୁଛି। ଉକ୍ତ ଜିନିଷମାନ ଲାଭଜନକ ଦରରେ କିପରି ବିକ୍ରି ହୋଇପାରିବ ତାହାର ବ୍ୟବସ୍ଥା କରୁଛନ୍ତି। ତଥାପି ବନଜାତ ପଦାର୍ଥର ଉପଯୁକ୍ତ ଦର ତଥା ଠିକ୍ ସମୟରେ ବିକ୍ରି ହୋଇପାରୁ ନଥିବାରୁ ୧୯୮୯ ମସିହାରୁ ଜାତୀୟ ଆଦିବାସୀ ସମବାୟ ବାଣିଜ୍ୟ ସଂଘ ସ୍ୱତନ୍ତ୍ର ଭାବରେ ପ୍ରତିଷ୍ଠିତ ହୋଇ ଆଦିବାସୀ ଉନ୍ନୟନ ସମବାୟ ସଂଘମାନଙ୍କଠାରୁ ବନଜାତ ପଦାର୍ଥ କିଣି ଅନ୍ୟ ରାଜ୍ୟମାନଙ୍କରେ କିମ୍ବା ବିଦେଶରେ ବିକ୍ରି କରିବାର ବ୍ୟବସ୍ଥା କରିଛନ୍ତି।

## ଓଡ଼ିଆ କଳ୍ପ-ବିଜ୍ଞାନର ଜନକ: ଗୋକୁଳାନନ୍ଦ



### ଡକ୍ଟର ଶରତ ଚନ୍ଦ୍ର ମିଶ୍ର

ପବିତ୍ର ଉତ୍କଳ ଭୂମିରେ କେତେକ ବିଶ୍ୱ ବିଖ୍ୟାତ ଓ ଅନେକ ଦେଶ ବିଖ୍ୟାତ ବୈଜ୍ଞାନିକ ଜନ୍ମ ଗ୍ରହଣ କରିଛନ୍ତି। ସେହିପରି କେତେଜଣ ବିଜ୍ଞାନୀ ଏ ମାଟିରେ ଜନ୍ମ ହୋଇ ବିଜ୍ଞାନର ଅଗ୍ରଗତିକୁ କେବଳ ଆଗେଇ ନେଇ ନାହାନ୍ତି ବରଂ ଓଡ଼ିଆ ଜାତି, ମାଟି ଓ ଭାଷା ପାଇଁ ଆମକୁ ଗର୍ବିତ କରି ଯାଇଛନ୍ତି। ସେମାନଙ୍କ ମଧ୍ୟରେ 'ଡକ୍ଟର ଗୋକୁଳାନନ୍ଦ ମହାପାତ୍ର' ଅନ୍ୟତମ। କ୍ଲିଷ୍ଟ ବୈଜ୍ଞାନିକ ବିଷୟବସ୍ତୁକୁ ସେ ଅତ୍ୟନ୍ତ ସରଳ ତଥା ରୋଚକ ଶୈଳୀରେ ପରିବେଷଣ କରିବାରେ ବେଶ୍ ସିଦ୍ଧହସ୍ତ। ସେ ବୈଜ୍ଞାନିକ ଗଳ୍ପ, ଉପନ୍ୟାସ, ଭ୍ରମଣ କାହାଣୀ ଓ ଅନେକ ବିଜ୍ଞାନ ଭିତ୍ତିକ ଶିଶୁ ସାହିତ୍ୟ ସୃଷ୍ଟି କରି ଯାଇଛନ୍ତି। ଓଡ଼ିଶାରେ ବିଜ୍ଞାନକୁ ଲୋକପ୍ରିୟ କରାଇବା ପାଇଁ ସେ ପ୍ରାୟ ଅଶୀ ଖଣ୍ଡରୁ ଅଧିକ ସୁଖ-ପାଠ୍ୟ ବିଜ୍ଞାନ ପୁସ୍ତକ ଓ କୋଡ଼ିଏ ଖଣ୍ଡ ପାଠ୍ୟ ପୁସ୍ତକ ରଚନା କରିଯାଇଛନ୍ତି। ଯାହାକି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଋଦ୍ଧିମନ୍ତ କରିଛି।

ଗୋକୁଳାନନ୍ଦ ୧୯୨୨ ମସିହା ନଭେମ୍ବର ମାସ ତେର ତାରିଖ ବୁଧବାର ଦିନ ବାଲେଶ୍ୱ ଜିଲ୍ଲାର (ବର୍ତ୍ତମାନ ଭଦ୍ରକ ଜିଲ୍ଲାର) ସହର ନିକଟବର୍ତ୍ତୀ କୁଆଁସ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କର ନାମ ଥିଲା ବିଜୟଗୋବିନ୍ଦ ମହାପାତ୍ର ଓ ମାତା ଥିଲେ ଫୁଲ ଦେବୀ। ସେ ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାରମ୍ଭ କରି ପରେ ନାରାୟଣ ଚନ୍ଦ୍ର ବିଦ୍ୟାପୀଠ ଓ ଭଦ୍ରକ ହାଇସ୍କୁଲରୁ ମେଟ୍ରିକ ପାଶ କରିଥିଲେ। କଲେଜ ପଢ଼ିବା ପାଇଁ କଟକ ଯାଇ ରେଭେନ୍‌ସା ମହାବିଦ୍ୟାଳୟରେ ନାମ ଲେଖାଇଲେ ଓ ରସାୟନ ବିଜ୍ଞାନରେ ସମ୍ମାନ ସହିତ ବି.ଏସ୍‌ସି ପାସ୍ କରିଥିଲେ। ସେତେବେଳେ ଓଡ଼ିଶାରେ ଉଚ୍ଚତର ଶିକ୍ଷା ପାଇଁ ସୁଯୋଗ ନଥିବାରୁ ସେ କଲିକତାର ପ୍ରେସିଡେନ୍ସି କଲେଜରେ ପଢ଼ି କୃତିତ୍ୱର ସହ ଏମ.ଏସସି ଡିଗ୍ରୀ ହାସଲ କଲେ। ଉଚ୍ଚ ଶିକ୍ଷା କ୍ଷେତ୍ରରେ ତାଙ୍କର ଶ୍ୱଶୁର ଭଦ୍ରକ ଭୂୟାଁ ୱାସର ଜମିଦାର ବିନୋବିହାରୀ ରାୟ ତାଙ୍କୁ ଆର୍ଥିକ ମାନସିକ ଓ ସାମାଜିକ ସହଯୋଗ ପ୍ରଦାନ କରିଥିଲେ।

କଲିକତାର ସ୍ନାତକୋତ୍ତର ପାଠ ଶେଷ କରି ସେ ରେଭେନ୍ସା କଲେଜରେ ଜଣେ ରସାୟନ ବିଭାଗରେ ଡେମୋନଷ୍ଟ୍ରେଟର ଭାବେ ନିଜର ଚାକିରୀ ତଥା ରୋଜଗାରର ଜୀବନ ଆରମ୍ଭ କଲେ। କଲିକତାରେ ଥିବାବେଳେ ଜୀବନରେ ସେ ଦୁଇଟି ବିଷୟରେ ମୁଖ୍ୟତଃ କାର୍ଯ୍ୟ କରିବାର ସିଦ୍ଧାନ୍ତ ନେଇଥିଲେ। ବଙ୍ଗଳାର ଲୋକପ୍ରିୟ ବିଜ୍ଞାନ ଲେଖାମାନ ପଢ଼ି ବିଜ୍ଞାନ ପ୍ରବନ୍ଧ ଓ ବିଜ୍ଞାନ ପୁସ୍ତକ ଲେଖିବା ପାଇଁ ଆଗ୍ରହୀ ହୋଇଥିଲେ। ଦ୍ୱିତୀୟଟି ହେଉଛି କଲିକତାର ବଙ୍ଗୀୟ ବିଜ୍ଞାନ ପରିଷଦ ପରି ଓଡ଼ିଶାରେ ଏକ 'ବିଜ୍ଞାନ-ସଂଗଠନ' ଗଠନ କରିବା। ଏଣୁ ସେ 'ପରମାଣୁ ବୋମା' ସମ୍ବନ୍ଧରେ ଏକ ପ୍ରବନ୍ଧ ଲେଖିଥିଲେ। ଯାହାକି ୧୯୪୫ ମସିହାରେ ମାୟାଧର ମାନସିଂହଙ୍କ ଦ୍ୱାରା ସମ୍ପାଦିତ 'ଶଙ୍ଖ' ପତ୍ରିକାରେ ପ୍ରକାଶିତ ହେଲା। ପରବର୍ତ୍ତୀ କ୍ଷେତ୍ରରେ ସେହି 'ଶଙ୍ଖ' ପତ୍ରିକାରେ ତାଙ୍କର 'ଆଧୁନିକ ବିଜ୍ଞାନକୁ ଆଲକାତରାର ସାହାଯ୍ୟ' ନାମକଟି ପ୍ରବନ୍ଧଟି ପ୍ରକାଶିତ ହେଲା। ତାଙ୍କର ଲେଖାଦ୍ୱୟ ପାଠକଙ୍କ ଦ୍ୱାରା ଆଦୃତ ହେବା ପରେ ଶଙ୍ଖ ପତ୍ରିକାର ସମ୍ପାଦକ ମାୟାଧର ମାନସିଂହ ଓ ସହକାର ପତ୍ରିକାର ସମ୍ପାଦକ ବାଲକୃଷ୍ଣ କର ତାଙ୍କୁ ଅଧିକ ଲେଖିବା ପାଇଁ ଉତ୍ସାହିତ କଲେ। ସେ ବିଭିନ୍ନ ପ୍ରବନ୍ଧ ଲେଖି ଚାଲିଲେ। ଯାହାକି ଶଙ୍ଖ ଓ ସହକାର ପତ୍ରିକା ସହ ସେତେବେଳର ଲୋକପ୍ରିୟ ପତ୍ରିକା ନବଭାରତ ଓ ଚତୁରଙ୍ଗରେ ବି ପ୍ରକାଶିତ ହୋଇ ଚାଲିଲା।

ତାଙ୍କର କିଛି ମିତ୍ର, ସହଯୋଗୀ ଓ ଶୁଭାକାଂକ୍ଷୀଙ୍କୁ ନେଇ ୧୯୪୯ ମସିହା ଅଗଷ୍ଟମାସ ନଅ ତାରିଖରେ 'ବିଜ୍ଞାନ ପ୍ରଚାର ସମିତି' ଗଠନ କରିଥିଲେ। କାଳକ୍ରମେ ଅନେକ ଶିକ୍ଷକ, ଅଧ୍ୟାପକ, ଡାକ୍ତର, ଇଞ୍ଜିନିୟର ଓ ବୈଜ୍ଞାନିକ ଏହାର ସଦସ୍ୟ ହୋଇଥିଲେ। ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ଅଠଚାଳିଶଟି ପ୍ରବନ୍ଧ ସମ୍ବଳିତ ବିଜ୍ଞାନ ବିସ୍ମୟ ନାମକ ପୁସ୍ତକଟି ୧୯୪୯ରେ ସେ ପ୍ରକାଶ କଲେ। ପୁଣି ୧୯୫୦ରେ ବିଜ୍ଞାନର କୃତିତ୍ୱ, ୧୯୫୧ରେ ପରମାଣୁ ବୋମାର ଆବିଷ୍କାର, ୧୯୫୪ରେ ପୃଥିବୀ ବାହାରେ ମଣିଷ ପ୍ରକାଶିତ ହେଲା। କ୍ରମଶଃ ଲେଖିବାର ନିଶା ତାଙ୍କୁ ଅଧିକ ପୁସ୍ତକ ରଚନା ପାଇଁ ପ୍ରେରଣା ଯୋଗାଇଲା।

ଗୋକୁଳାନନ୍ଦ ୧୯୪୮ରେ ଅଧ୍ୟାପକ ଭାବେ ସେହି କଲେଜରେ ଯୋଗଦାନ କଲେ ଓ ପରେ ରସାୟନବିଜ୍ଞାନ ବିଭାଗର ପ୍ରଫେସର ପଦକୁ ଉନ୍ନିତ ହୋଇଥିଲେ। ସେ ୧୯୫୮ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ପୁଣି ୧୯୬୧ ମସିହାରେ ଉଚ୍ଚତର ଗବେଷଣା ପାଇଁ ସ୍ତ୍ରୀ କୁମୁଦିନୀଙ୍କ ସହ ଆମେରିକା ଯାତ୍ରା କଲେ। ସସ୍ତ୍ରୀକ ବିଦେଶ ଯାଇ ଗବେଷଣା କରିବାରେ ସେ ତୃତୀୟ ଓଡ଼ିଆ ବୋଷ୍ଟନସ୍ଥିତ ଷ୍ଟାଣ୍ଡିଓ ବିଶ୍ୱବିଦ୍ୟାଳୟରେ ଏଫ.ଆଇସି (ଫେଲୋ ଇନ୍ କେମେଷ୍ଟ୍ରି) ହାସଲ କରି ଓଡ଼ିଶା ଫେରିଲେ।

ଆମେରିକାରୁ ଫେରିବା ପରେ 'ନୀଳ ରକ୍ତଦାନ ସେ ପାରେ' (୧୯୬୫) ଓ ପାଶ୍ଚାତ୍ୟ ସ୍ମୃତି' (୧୯୬୭) ଭ୍ରମଣ କାହାଣୀଦ୍ୱୟ ରଚିତ ଓ ପ୍ରକାଶିତ। ସ୍ତ୍ରୀ କୁମୁଦିନୀଙ୍କ ସହ ମିଶି ସେ ତୃତୀୟ ଭ୍ରମଣ କାହାଣୀ ଲେଖିଥିଲେ। ଯାହା ଥିଲା- 'ଆମ ଆମେରିକା ଅନୁଭୂତି। ତାଙ୍କ ରଚିତ 'ପୃଥିବୀ ବାହାରେ ମଣିଷ' ହେଉଛି ଓଡ଼ିଆ ଭାଷାରେ ପ୍ରଥମ ବୈଜ୍ଞାନିକ ଉପନ୍ୟାସ। ସେ କଳ୍ପ ବିଜ୍ଞାନ' ଧର୍ମୀ ଅନେକ ପୁସ୍ତକ ରଚନା କରିଯାଇଛନ୍ତି। ସେ ସବୁ ହେଉଛି କୃତ୍ରିମ ଉପଗ୍ରହ' ନିଶ୍ଚଳ ପୃଥିବୀ, ଚନ୍ଦ୍ରର ମୃତ୍ୟୁ, ମଧ୍ୟାହ୍ନର ଅନ୍ଧକାର, ନିସ୍ତବ୍ଧ ଗୋଧୂଳି, ଚତୁର୍ଦ୍ଧ ପରିସର, ଉଡ଼ନ୍ତା ଥାଳିଆ, ସମୟର ଫାଟ, ମୃତ୍ୟୁ ଏକ ମାତୃତ୍ୱ ଓ ଆହୁରି ଅନେକ।

ତାଙ୍କର ଏ ଯୁଗର ଶ୍ରେଷ୍ଠ ଆବିଷ୍କାର' ପୁସ୍ତକ ପାଇଁ ୧୯୬୪ରେ ଓଡ଼ିଶା ସାହିତ୍ୟ ଏକାଡେମୀ ତାଙ୍କୁ ପୁରସ୍କୃତ କରିଅଛି। ତାଙ୍କର ଗବେଷଣା, ଶିକ୍ଷାଦାନ ଓ ମାର୍ଗଦର୍ଶନ ପାଇଁ ସେ ୧୯୬୧ରେ କୁପର ସ୍ୱର୍ଣ୍ଣପଦକ' ବି ଲାଭ କରିଥିଲେ। ସେହିପରି ୧୯୮୬ ରେ 'ସାରଳା ପୁରସ୍କାର' ୧୯୮୮ରେ 'ଚନ୍ଦ୍ରଶେଖର ପୁରସ୍କାର' ଓ ୨୦୧୦ରେ କଳିଙ୍ଗ ପୁରସ୍କାର' ଲାଭ କରିଥିଲେ। ଏତଦ୍‌ଭିନ୍ନ ସେ ଉତ୍କଳ ସାହିତ୍ୟ ସମାଜ, ବିଜ୍ଞାନର ପ୍ରଚାର ସମିତି, ଓଡ଼ିଶା ବିଜ୍ଞାନ ଏକାଡେମୀ ଓ ଅନେକ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ, ସମ୍ବର୍ଦ୍ଧିତ ଓ ସମ୍ମାନିତ।



ସେ ତାଙ୍କର ଚାକିରୀକାଳ ମଧ୍ୟରେ ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ଭାବେ (୦୧.୦୮.୧୯୭୦ ରୁ ୧୦.୦୬.୧୯୭୨) କାର୍ଯ୍ୟ ସମ୍ପାଦନ କରିଥିଲେ। ସେ ୧୯୮୨ରେ ରସାୟନ ବିଦ୍ୟା ବିଭାଗର ପ୍ରଫେସର ଭାବେ ଅବସର ଗ୍ରହଣ କରିଥିଲେ ବି ଲେଖା ଲେଖିରୁ ବିରତ ହୋଇ ନଥିଲେ।

ଚାକିରୀରୁ ଅବସର ପରେ ବି ଅଧ୍ୟୟନ ଓ ଅଧ୍ୟାପନାକୁ ସମ୍ମାନ ଜଣାଇ ତଥା କେତେକ ସମାଜସେବୀଙ୍କ ଅନୁରୋଧ କ୍ରମେ ମହର୍ଷି ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ (୨୮.୭.୧୯୮୨ ରୁ ୨୦.୫.୧୯୮୪ ପର୍ଯ୍ୟନ୍ତ) ନିଜର ଗୁରୁଦାୟିତ୍ୱ ସଫଳତାର ସହ ସମ୍ପାଦନ କରିଥିଲେ। ପୂର୍ବରୁ ଅର୍ଥାତ୍ ୧୯୭୬ରୁ ତାଙ୍କ ସମ୍ପାଦନାରେ ସଂସ୍ଥାର ନିର୍ଦ୍ଦେଶକ ଥିବା ବେଳେ ଦୁଇଟି କଳା ତାଙ୍କ ମନ ମଧ୍ୟରେ ଅଙ୍କୁରିତ ହୋଇଥିଲା। ପ୍ରଥମଟି ହେଉଛି 'ବୈଜ୍ଞାନିକ ଜ୍ଞାନ କୋଷ' ଓ ଦ୍ୱିତୀୟଟି ବୈଜ୍ଞାନିକ ଶବ୍ଦକୋଷ'ର ପ୍ରସ୍ତୁତି ଓ ପ୍ରକାଶନ।

ଅଧ୍ୟାପନାରୁ ଅବସର ନେବା ପରେ ବି ସେ ସର୍ବଦା ସାରସ୍ୱତ ସାଧନାରେ ନିମଗ୍ନ ଥିଲେ। ତାଙ୍କର କଠୋର ସାଧନା ଓ କଠିନ ପରିଶ୍ରମ ଯୋଗୁଁ ୨୦୦୫ ମସିହା ଜାନୁଆରୀ ମାସରେ ପ୍ରକାଶିତ ହେଲା ଦୁଇଖଣ୍ଡ 'ବୈଜ୍ଞାନିକ ଜ୍ଞାନ କୋଷ'। ଏଥିରେ ବିଜ୍ଞାନର ବିଭିନ୍ନ ବିଷୟ, ଚିତ୍ର, ଫଟୋ ସହ ଅକ୍ଷରାନୁସାରେ ସୁସଜ୍ଜିତ ହୋଇଥିଲା ୧୩୪୦ ପୃଷ୍ଠାର ଦୁଇଖଣ୍ଡ ପୁସ୍ତକ। ପରେ ପ୍ରକାଶିତ ହୋଇଥିଲା ବିଜ୍ଞାନ ଆଧାରିତ ଅଭିଧାନ 'ବୈଜ୍ଞାନିକ ଶବ୍ଦ କୋଷ, ନିଜର ଦୃଢ଼ ଭାଷାଜ୍ଞାନ ଓ ଉତ୍କୃଷ୍ଟ ଉପସ୍ଥାପନା ପାଇଁ ସେ ଓଡ଼ିଶାର ଚିରନମସ୍ୟ। ବିଜ୍ଞାନ ତଥ୍ୟକୁ ନେଇ ନାଟକ ଓ କବିତା ରଚନାରେ ବି ସେ ଥିଲେ ବେଶ୍ ପାରଙ୍ଗମ।

କ୍ରମଶଃ ସେ ଦୁର୍ବଳ ହୋଇ ପଡ଼ିଲେ। ପଢ଼ିବା ଓ ଲେଖିବା, ଯାହାକି ତାଙ୍କର ଅତି ପ୍ରିୟ ଥିଲା, ସେ ସବୁକୁ ସେ ପରିତ୍ୟାଗ କରିବାକୁ ବାଧ ହେଲେ। ସେ ଦିନ ଥିଲା ବର୍ଷଣ ଜୁଲାଇ ମାସର ଦଶ ତାରିଖ ବୁଧବାର ୨୦୧୩ ମସିହା। ସମସ୍ତ ପ୍ରିୟ ପାଠକ ଆଦ୍ୟ ଲେଖକଙ୍କର ମାର୍ଗଦର୍ଶକ, ବିଜ୍ଞାନ ପ୍ରଚାର ସମିତିର ପିତାମହ ଭୀଷ୍ମ ଓ ବିଜ୍ଞାନ ଅନୁଷ୍ଠାର ପୃଷ୍ଠପୋଷକ ଓ ଶୁଭେଚ୍ଛୁ ସମସ୍ତଙ୍କୁ ଦୁଃଖ ସାଗରରେ ଭସାଇ ସେହି ଅଫେରା ରାଇଜକୁ ଚାଲିଗଲେ। ବିଜ୍ଞାନକୁ ଲୋକପ୍ରିୟ କରାଇବା ପାଇଁ ଲେଖକ ଓ ପଠନ ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯଦି ଆମେ ଆଗ୍ରହ ସୃଷ୍ଟି କରିବାରେ ସମର୍ଥ ହୋଇପାରିବା, ତେବେ ତାହାହିଁ ହେବ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଆଜିର ତାଙ୍କର ମହାପ୍ରୟାଣ ଦିନରେ ତାଙ୍କୁ ସମ୍ମାନ ଜଣାଇ ଆମେ କଣ ଏତକ କରିପାରିବା ନାହିଁ?

ପ୍ରଜ୍ଞାନୀଡ଼, ବସନ୍ତ ବିହାର,
ଶୋଭାରାମପୁର, ବାଲେଶ୍ୱର-୭୫୬୦୦୧
ମୋ: ୮୮୯୫୯୮୮୮୮୪

## ଜଳତୀର୍ଥ



### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଧର୍ମପ୍ରାଣ ଜନତା କହିଲେ ବୁଝାଏ ଯେମିତି ଅନୁଗତ ପ୍ରାଣ ନିଶ୍ୱାସ ପ୍ରଶ୍ୱାସଗତ ପ୍ରାଣ, ରକ୍ତଗତପ୍ରାଣ ସେହି ଧର୍ମଗତ ପ୍ରାଣ ସବୁ ମଣିଷଙ୍କର ନିଷ୍ଠେ ରହିଛି, ତେବେ ବୋଧ ପାଇଁ ଯେଉଁ ଧର୍ମ ପ୍ରୟୋଗ ସ୍ଥୂଳତଃ ରହିଛି, ହିନ୍ଦୁ, ଇସଲାମ ଖ୍ରୀଷ୍ଟ ଶିଖ ପାରମ୍ପରିକ ଇହୁଦୀ ଆଦି ଧର୍ମ ରହୁଛି ସତ୍ୟ ମାତ୍ର ମାନବୀୟ ଧର୍ମ କିନ୍ତୁ ମନୁଷ୍ୟ ସମାଜ ପାଇଁ ସାର୍ବଜନୀନ 'ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି ତରିବାକୁ ଏହି ସଂସାର ବାରିଧି'। ଏହି ଧର୍ମ ବୋଧରେ ମାନବୀୟ ଧର୍ମ ବୋଧର ନିଷ୍ଠେ ଉଦଘୋଷ ଅଛି। ଯେ କୌଣସି ସମ୍ପ୍ରଦାୟର ଧର୍ମାବଲମ୍ବୀଙ୍କ ମାନବୀୟ ମୂଲ୍ୟବୋଧ ତାଙ୍କ ଧର୍ମଶାସ୍ତ୍ରରୁ ଖୋଜି ତାକୁ ନିତ୍ୟ ଜୀବନର ଯଦି ଲଗାଯିବ ତାହା ତାଙ୍କର ଜୀବନର ସୁଖ ଶାନ୍ତି ଭାଇଚାରା କୌଟୁମ୍ବିକ ସମ୍ବନ୍ଧ ଅତୁଟ ରଖାଇବ।

ଦେବ ଦାନବ ଓ ମାନବ ଏହିଙ୍କ ସ୍ଥାୟୀ ନିୟମରେ କର୍ତ୍ତବ୍ୟବୋଧ ଆଚରଣ କ୍ରିୟାକର୍ମ ଅନେକ ପୁରାଣଶାସ୍ତ୍ରରେ ଲେଖା ଅଛି। ଏ ମଧ୍ୟରୁ ଦାନବ ଅସୁର ରାକ୍ଷସ ଏସବୁ ତାମସିକ ଗୁଣରେ ସମୟ କାଟନ୍ତି। ବଞ୍ଚିବାର ଅବଲମ୍ବନ ତାଙ୍କର ଅନ୍ୟକୁ ଲୁଟ କରିବା ତାପିତ କରିବା ଅନ୍ୟର ଶ୍ରମ ଅନ୍ୟ ଶ୍ରମର ମଜୁରୀ ବା ଶ୍ରମର ଫଳକୁ ଅପହରଣ କରି ନିଜସ୍ୱ ସମ୍ପତ୍ତି ପ୍ରତିପତ୍ତି ବଢ଼ାଇବା। ଦେବତା ଶୃଙ୍ଖଳିତ ଜୀବନରେ ହାଇକମାଣ୍ଡ ଓ ଦେବଧାର୍ଯ୍ୟ ସମ୍ବିଧାନରେ ଜୀବନ ବିତାଇବା, ଏଇ ମନୁଷ୍ୟ କିନ୍ତୁ ରାଜସିକ ଗୁଣକୁ ଆପଣେଇବା ଦେଖାଯାଉଛି ପାଞ୍ଚଜଣରେ ଜଣେ ବଞ୍ଚିବା, ପୋଷାକ ପରିଚ୍ଛଦ ଲୋକ ସଂଗତି, ବାସଗୃହ, ଯାନ, ଭୋଜନ ସବୁଥିରେ ନିଜର ପରିଶ୍ରମ ମନୁଷ୍ୟଙ୍କୁ ଟପି ଆଗକୁ ବଢ଼ିବା ସବୁ ମଣିଷଙ୍କର ଏକ ଦୌଡ଼। ଏକ କାନୁରେ ମନୁଷ୍ୟ ଜାତିର ଜୀବନ ଧାରଣ କରାଯିବା ଉଦ୍ୟମ ମନୁଷ୍ୟ ବାଛିଥିବା ସରକାର ଜାହିର କଲେ ବି ବର୍ଷ ବର୍ଷ ଧରି ଏମିତି ଦାରିଦ୍ର୍ୟ ସୀମାରେଖା ବ୍ୟାପକ ହୋଇଚାଲିଛି। ପୂର୍ବର ଜମିଦାର ଯେପରି ଜମିଦାରୀ ହାସଲ କଲେବଲେ କୌଶଳେ ହାସଲ କରୁଥିଲେ ଏବେ ବି ସେପରି ପଦ୍ଧତି ବିଲୁପ୍ତ ନହୋଇ ଦେଖ ଲୋକଙ୍କୁ କର୍ମ ଯୋଗାଇବା ଦ୍ୱାହିରେ କେମିତି ବାଟି ବାଟି ଜମି ଦଖଲ କରୁଛନ୍ତି। ପ୍ରଗତି ଦ୍ୱାହିରେ ଅନେକଙ୍କୁ ଦୁର୍ଗତି ଦିଆଯାଉଛି। କୁମ୍ଭୀର କାନ୍ଦଣା ସର୍ବତ୍ର ଦୀପ ତେଜିଲେ ହାତ ଚିକ୍କଣ କୌଶଳ ଯେ ଜମିଦାର ହେବ ଅଧିକ ଅର୍ଥ ପାୱାର ହାତ ପୈଠ କରିବ ସେ ତାକୁ ଅବଲମ୍ବନରେ ରହିବା ଦେଖାଯାଉଛି। ଜଣେ ଗଣଙ୍କୁ କେମିତି ଅକ୍ତିଆର କରିବ ଏ ପ୍ରକାର ବିଦ୍ୟା ମୂଳରୁ ଅଛି। ଦେଖ ହସ୍ତିନୀ ଦଳରେ ଏକ ହସ୍ତୀ ମର୍କଟୀ ଦଳରେ ଏକ ମର୍କଟ, କୁକୁଟୀ ଦଳରେ ଏକ ଗଞ୍ଜାକୁକୁଡ଼ା, ମହୁମାଛି ଗହଣରେ ଏକ ରାଣୀ ମହୁମାଛି ଏପରି ପର୍ଯ୍ୟାୟରେ ଦେଖନ୍ତୁ ଗୋପରେ ଗୋପାଳ ବାଳକ ଗୋପୀଗଣଙ୍କ ମଧ୍ୟରେ ଶ୍ରୀକୃଷ୍ଣ। ଜଣେ ଗଣଙ୍କୁ ଅକ୍ତିଆର କରିବା ଦେଖାଯାଉଛି। ଜୀବ ମାତ୍ରେ ଆହାର ନିଦ୍ରା ଭୟ ମୈଥୁନର ଚାରିଧାରା ବଂଶାନୁକ୍ରମିକ ଧାରାରେ ପ୍ରାପ୍ତ। ତେବେ ଏହାକୁ ନିୟନ୍ତ୍ରଣରେ ଜୀବ ରଖିପାରିଲେ ତାର ଭିନ୍ନ ପ୍ରକାର ସୁଖ ଜ୍ଞାନ ତାକୁ ମିଳିପାରେ। ରାଜାର ବହୁଗଣ ଅଧିକାର, ତାର ବଳରେ ଆୟତ ଅଛି। ତେବେ ରାଜା ହେଲେ ମନ୍ତ୍ରୀ ସଚିବ କଟୁଆଳ ସୈନ୍ୟଗଣଙ୍କ ସାହାଯ୍ୟ ନିହାତି ଆବଶ୍ୟକ। ଏବେ ବଡ଼ ବଡ଼ ବଣିକ ବ୍ୟବସାୟରେ ଆସୁଥିବା ମାମଲା ଗୁଡ଼ିକ ପ୍ରଶମନ ପାଇଁ ଓକିଲ ଆଇନଜ୍ଞ, ଚାର୍ଟାଡ଼ ଏକାଉଣ୍ଟାଣ୍ଟ, ଦୂତି, ନିରାପଦରକ୍ଷୀ, ଡ୍ରାଇଭର ଆଦି ରଖୁଛନ୍ତି। ଏମାନେ ପ୍ରକୃତରେ ରାଜପରିବେଶ ପରି ସ୍ଥିତିରେ ରହୁଛନ୍ତି। ଏମିତି ଏକ ସମ୍ପ୍ରଦାୟ ଧର୍ମ ତାର ପ୍ରଚାର ପ୍ରସାର ପାଇଁ ତହିଁର ଧର୍ମାଧିକାରୀ ବୋଲାଉଥିବା ବ୍ୟକ୍ତିଗଣ ଏମିତି ରାଜାକଣ ସମ୍ରାଟ ପଦରେ ରହିବା ଭଳି ରହୁଛନ୍ତି। ତାଙ୍କର ସେନା ହେଉଛନ୍ତି ଯେଉଁମାନେ ଅନ୍ୟଧର୍ମର ବିଶ୍ୱାସମତକୁ ନଷ୍ଟ କରିବା ଏସବୁ ପିଢ଼ି ପିଢ଼ି ଧରି ବଞ୍ଚାଇ ରଖିବା ପାଇଁ ମନ୍ଦିର ମସଜିଦ ଗୀର୍ଜା ଆକାରରେ ନିର୍ମାଣ କରାଯାଇଛି। ହେଲେ ଏହି ମନ୍ଦିର ଭଙ୍ଗା କାର୍ଯ୍ୟ କରିଦେଲେ ଓ ଜୋର କରି ଧର୍ମାନ୍ତର କରଣ କରିଦେଲେ ଧର୍ମର ମୂଳଧାରା ନ ପଢ଼ି ତାହା ବ୍ୟାପକ ସମର୍ଥନରେ ଆସିଯାଉଛି ଏପରି ଧାରଣ ହେଉଛି। ମନ୍ଦିରାଦି ପଥର ଇଟାରେ ବହୁ ଅର୍ଥ ଶ୍ରମରେ ନିର୍ମାଣ କେହି ବ୍ୟକ୍ତି ଉଦ୍ୟୋକ୍ତା ହୋଇ ଏହାକୁ ପ୍ରସ୍ତୁତ କରାଇ ଥିବେ ଓ ତାପରେ ଲୋକେ ବିଶ୍ୱାସରେ ଏ ସ୍ଥାନକୁ ପୂଜା ପ୍ରାର୍ଥନା ପାଇଁ ଆସୁଥିବେ। ଏକ ଭୟ ବାତାବରଣ ବର୍ଷ ବର୍ଷ ଧରି ଜାହିର ରହିଲେ କାଳକ୍ରମେ ତାହା ଅଣଦେଖା ହୋଇଥାଏ। ପ୍ରଶର ସଂଶୟରେ କେହି କ୍ଷେତ୍ରେ ପ୍ରିୟ ହେଲେ ବି ଲୋକେ ପାଖ ମାଡ଼ନ୍ତି ନାହିଁ। ବାଲି, ଇଟା, ସିମେଣ୍ଟ ପଥର କାଠ ସମ୍ବନ୍ଧ ନିର୍ମାଣ ଭାଙ୍ଗି ଦିଆଯାଇପାରେ ମାତ୍ର ମହିମା କେବେ ଲୋପ ହୋଇନପାରେ। ଗୁରୁ ମରି ଯାଇ ପାରନ୍ତି ଗୁରୁଙ୍କ ମହିମା ଉପଦେଶ ଆର୍ଶୀବଚନ ଚାଲିଯାଏ ନାହିଁ, ଦତ୍ତମନ୍ତ୍ର ନିଷ୍କ୍ରିୟ ହୋଇନଥାଏ। ଏପରି ରକ୍ତପାତ ଆତଙ୍କରୁ ନିସ୍ତୃତି ପାଇଁ ଜଳତୀର୍ଥର ବ୍ୟବସ୍ଥା ଅନେକ ଜ୍ଞାନୀ କରାଇଛନ୍ତି। 'ଶ୍ରୁବଂ ପଖାଳୟେତ' ଆହୁତ ଯଜ୍ଞ ବେଳେ ଶୁଣାଯାଏ। କିଛି ଆହୁତିରେ ଶ୍ରୁବ ମାରା ହେଉଥିବାରୁ ଏପରି ଜଳସ୍ପର୍ଶ ପାଇଁ କର୍ମକାଣ୍ଡ ପ୍ରୟୋଗ କର୍ତ୍ତା ପୁସ୍ତକଚାର୍ଯ୍ୟ କହିଥାନ୍ତି। ଏହା ଜଳର ମହିମା ଯେ ଅଶୁଦ୍ଧକୁ ଶୁଦ୍ଧ କରେ। ଏମିତି ଲୋକ ମୃତରେ ଶୁଦ୍ଧିଘର ଜଳ ଦ୍ୱାରା କରାଯାଉଛି। ଘର ଲିପା ଜଳ ଦ୍ୱାରା, ଦେବପୂଜାରେ ବରୁଣ ଦେବତା କଳସ ପୂଜାରୁ ଆରମ୍ଭ, ବରୁଣ ଅର୍ଥ ଜଳାଧିପ ଦେବତା ଲୁଗାପଟା ମାର୍ଜନ ବାସନ ମାର୍ଜନ ମୁଖ୍ୟ ମାର୍ଜନ ଶୌଚସ୍ନାନ ସବୁ ଶୁଦ୍ଧି ପାଇଁ ଉଦ୍ଦିଷ୍ଟ। ଜଳତୀର୍ଥରେ ବହୁ ସ୍ନାନ ଯୋଗ ପାଞ୍ଜିରେ ବର୍ଷକୁ ଲେଖା ମହୋଦଧି ସ୍ନାନ ତ୍ରିବେଣୀ ସ୍ନାନ, ଗଙ୍ଗାସ୍ନାନ ତୀର୍ଥ ସ୍ନାନ ଏସବୁ ଶରୀର ଶୁଦ୍ଧି ପାଇଁ ଉଦ୍ଦିଷ୍ଟ। ପିତାମାତାଙ୍କ ଅସ୍ଥିବିସର୍ଜନ ପିଣ୍ଡ ଏସବୁ ନଦୀ ଜଳରେ ହିଁ କରାଯାଉଛି। ମୃତ ବ୍ୟକ୍ତିର ଜୁଇର ଅଗ୍ନୀକୁ ଜଳରେ ହିଁ ଶାନ୍ତ କରାଯାଏ। ମାୟାର ବହୁ ପ୍ରକ୍ରିୟା ଓ ସ୍ତର ରହିଛି। ମାଆର ପ୍ରକାରରେ ନିଜର ଜନ୍ମଦାତା ପରି ଅନ୍ୟ ୧୬ ପ୍ରକାର ମାତୃଶକ୍ତି ଅଛନ୍ତି। ଲୋକ ପ୍ରଚଳନରେ ପିଉସୀ, ମାଉସୀ, ମାଇଁ, ଖୁଡ଼ି, ବଡ଼ବୋଉ, ଶାଶୁ, ଭାଉଜ, ଭାଇବୋହୂ, ଝିଅ, ଭଉଣୀ ଏମାନେ ଓ ଏମାନଙ୍କ ବୟସୀ ବା ସମ୍ପର୍କୀୟ ବା ସୂର୍ଯ୍ୟ ସମ୍ପର୍କୀୟମାନେ ମାତୃତୁଲ୍ୟ। ଏମାନଙ୍କର ମାୟା ବିସ୍ତାରରେ ଲୋକ କୁମାର୍ଗରୁ ହଟିପାରେ। ଜାୟା ପଥରେ ଛାୟାପଥ ବହୁତ ସ୍ତ୍ରୀ ଯଦି କେବଳ ଭୋଗ ପାଇଁ ମାନସ ରଖିବେ ତେବେ ସେ ଗଲେ ଛାୟାପଥକୁ ଏମିତି ରକ୍ଷିତା ନର୍ତ୍ତକୀ ବେଶ୍ୟା, ଅର୍ଥବଳରେ ଭୋଗ୍ୟାକୁ ସମ୍ମତା ଏମାନେ ଛାୟାପଥରେ ଥାଆନ୍ତି। ହେଲେ ପ୍ରକୃତିରେ ଜୀବନ ସାଥି ସର୍ବପ୍ରକାର ତ୍ୟାଗ କରି ତାର ସ୍ୱାମୀକୁ ମହାବିପଦରୁ ଉଦ୍ଧାର କରିପାରନ୍ତି। ଅତଏବ ଶୁକ୍ର ବା ଚନ୍ଦ୍ରର ବଳ ବିଚାର୍ଯ୍ୟ ଜ୍ୟୋତିଷରେ ଧରାଯାଏ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩




### ଦୀପଟିଏ ମତେ କର

**ସୁହଂସ ଭୋଇ**

ଦୀପଟିଏ ମତେ କର
ମଣିମା ପରମେଶ୍ୱର
ନିତି ଜଳୁ ଥିବି ନିକଟେ ତୋହର
ଚାହିଁ ମୁଖ ନିର୍ବିକାର

ଭୁଲି ଯିବି ପ୍ରଭୁ ଦୁଃଖ ଅବସାଦ
ସହି ଯିବି ସବୁ ତାପ
ଜଳି ଯିବ ତହିଁ ଗର୍ବ ଅହଂକାର
ଜୀବନ ଯାକର ପାପ
ନ ରହିବ ମନେ ମାନ ଅଭିମାନ
ଆଉ ପରଶ୍ରୀକାତର

ଆସୁ ଯେତେ ଝଡ଼ ବତାସ ବରଷା
ନିଦାଘ ଶୀତ କାକର
ଆକାଶେ ବିଜୁଳି ସାଗରେ ଜୁଆର
ନିଶା କାଳେ ଅନ୍ଧକାର
ଜଳି ଜଳି ଲିଭିଯାଉ ପାଦତଳେ
ଜୀବନ ଦୀପ ଟି ମୋର।

ପହଣ୍ଡି,ବରଗଡ
ମୋ: ୯୪୩୭୫୨୨୪୫୫

### ଖାଲି ପଡ଼ିଅଛି ରତନ ବେଦୀ

**ଭାସ୍କର ରାଉତ**

ଖାଲି ପଡ଼ିଅଛି ରତନ ବେଦୀ
ଦିଅଁ ଯାଇଛନ୍ତି
ଗୁଣ୍ଡିଚାବାଡ଼ିକି
ମନେ ପଡ଼ିବାରୁ ଜନମ ବେଦୀ।

ଖାଁ ଖାଁ ଲାଗୁଛି ଶୀରି ମନ୍ଦିର
ନାହିଁ କୋଳାହଳ
ନୀରବ ନିଷ୍ଚଳ
କୋଳାହଳମୟ ଗୁଣ୍ଡିଚା ଘର।

ଆଡ଼ପ ମଣ୍ଡପେ ପାଆନ୍ତି ଶୋଭା
ସାନ୍ଧ୍ୟ ଦରଶନ
ସେଠି ସାତ ଦିନ
ଚତୁର୍ଦ୍ଧାମୂରତି କି ମନଲୋଭା।

ଆଡପ ଅବଢ଼ା ଖାଇ ଖୁସିରେ
ଗହଳ ଚହଳେ
ଭକତଙ୍କ ମେଳେ
ବିତିଯିବ ଦିନ ଅତି ସଅଳେ।

ଗୁଣ୍ଡିଚାବାଡ଼ିରୁ ବାହୁଡ଼ି ଆସି
ରଥ ପରେ ବସି
ଫେରିବେଟି ହସି
ବାହୁଡ଼ା ନାଁରେ ଯାତରା ଖ୍ୟାତି।

ବଉଦରାଜ, ଜି. ବୌଦ୍ଧ
ମୋ: ୯୪୩୭୪୭୮୪୬୬

### ହେ ବିଶ୍ୱ ନିୟନ୍ତା କଳା ଠାକୁର

**ଚିକୁନ୍ ପଣ୍ଡା**

ହେ ଜଗନ୍ନାଥ ଘେନ ମୋର ଭକ୍ତିପୂର୍ଣ୍ଣ ଆବେଗ
କୋଟି ଜନ୍ମେ କରି ନାହିଁ ଯେଉଁ ପୁଣ୍ୟ
ମୋକ୍ଷ ହେଉ ମୋର ଚକ୍ଷୁ
ତୁମ ଚକା ନୟନକୁ ଦେଖୁ ଦେଖୁ।
ଚକା ଡୋଳା ଆଜି କାନ୍ଦେ କଇଁ କଇଁ
ଭକ୍ତକୁ ପାଖରେ ପାଇ,
ଭକ୍ତି ଭାବାବେଗେ ପୁରି ଉଠେ ମନ
କାଳିଆ ସାଆନ୍ତକୁ ପାଖରେ ପାଇ।
କାଳିଆର ଡୋରି ଲାଗିଲା ବୋଲି ତ,
ଦୂର ଦୂର ବାଟ ଅତିକ୍ରମ କରି
ପୁରୀକୁ ଲାଗିଲା ମୋ ଗାଡ଼ି,
ଭକ୍ତି ଭାବ ଡୋର ଥାଉ ମୋ ଏମିତି,
ନ ଯାଉ କେବେ ଛିଡ଼ି।
ହେ ବିଶ୍ୱ ନିୟନ୍ତା କଳା ଠାକୁର
ଶୁଣିମା ହେଉ ମୋର ଶେଷ ଗୁହାରି
ମୁଁ ମଲା ପରେ ମୋର ଆତ୍ମା କୁ କରି
ଦେବ ତୁମ୍ଭ ପାଦ ତଳେ ଲୀନ,
ଜନ୍ମ ମୃତ୍ୟୁ ର ଲୁଚକାଳି ଖେଳ, ମିଛ
ମୋହମାୟାର ଏ ପଶାପାଲି ଖେଳରୁ
ପାଇଯିବି ମୁଁ ମୁକ୍ତି।

କଟକ

### ଜୀବନ ତ ଏକ ଅଫେରା ସମୟର ଗୀତ

**ବିଶ୍ୱନାଥ କର**

ଜୀବନ ଏକ ଅଫେରା ନଈ ବହୁଥାଏ
ସମୟ ସାଥେ
ଜୀବନର ଜଳଛବି କେବଳ
ବରଷା ବସନ୍ତ ଶୀତ ଆଉ
ବଇଶାଖି ଖରା
ମାୟା ମିରିଗର ଖେଳା
ପ୍ରତିଯୋଗିତାର ଏକ ଲମ୍ବା ତାଲିକା।

ଜୀବନ ପ୍ରତି ଗଭୀର ଆବେଗ ପ୍ରେମର
କଥା କହେ
ମୁକ୍ତାକାଶରେ ପକ୍ଷୀଙ୍କ ଉଡାଣ ହିଁ
ଜୀବନର ପଣିକିଆ
କେବେ କେବେ ଅବୁଝା ଅଝଟ
ଜୀବନ ତ ଏକ ନିର୍ବାକ ନାଟକ।

କିଛି କାହାଣୀ କିଛି ସ୍ୱପ୍ନ କିଛି କବିତା
କିଛି ପ୍ରେମ ଅପ୍ରେମର ଦର୍ଶନ

ରଙ୍ଗ ଅରଙ୍ଗର ହସ ଲୁହ ଆଶା
ନିରାଶର ମୀନାର
ଜୀବନ ତ ଏକ ଶୂନ୍ୟ ବୀଣାର ସ୍ୱର
କେବେ ବର୍ଣ୍ଣମାଳାର ସୁସ୍ପଷ୍ଟ ଅକ୍ଷର।

ଜୀବନ ତ ଖାଲି ମାଳ ମାଳ ସ୍ମୃତି
ଅସ୍ମୃତିର ଅଭିସାର
ଜୀବନ ତ ଏକ ଅଫେରା ସମୟର
ଗୀତ
ଅଫେରା ନଈର ଇଙ୍ଗିତ।





# ମିଛ ବନ୍ଧୁତା ନୋହିଲା

ରମେଶ ଚନ୍ଦ୍ର ଦାଶ



ହରିଣର ପାଣି ପିଇବା ଜାଗାରେ କୁମ୍ଭୀର ଲୁଚି ରହି ସଦାବେଳେ ହଇରାଣ କରିବାରୁ ତାକୁ ବହୁତ ଅସୁବିଧା ହେଲା । ଦରକାର ଅନୁସାରେ ପାଣି ନପିଇବାରୁ ତାକୁ ବିଭିନ୍ନ ପ୍ରକାର ରୋଗ ହେଲା । ସେ ଠିକ୍ ଭାବରେ ଶିକାର କରିପାରିଲା ନାହିଁ । ତେଣୁ କୁମ୍ଭୀର ସହିତ ମିତ ହେବା ପାଇଁ ସେ ମନେ ମନେ ସ୍ଥିର କଲା ।

ଏଥିପାଇଁ ଦିନେ ସେ ବଣରୁ ବିଭିନ୍ନ ପ୍ରକାର ଫଳମୂଳ ଧରି ନଈକୂଳରେ ପହଁଚିଲା । ସବୁଦିନ ସେ ଖାଲି ହାତରେ ଯାଏ । ସେଦିନ କିନ୍ତୁ ତା' ହାତରେ ଗୋଟିଏ ପୁଡ଼ିଆ ଦେଖି କୁମ୍ଭୀରର କୌତୂହଳ ଜାତ ହେଲା । ସେ ପଥର ଆଢୁଆଳରେ ଲୁଚି ରହି ପଚାରିଲା, "ହରିଣ ନାନୀ, ତୁ ମୋ ପାଇଁ କ'ଣ ଆଣିଛୁ ?" ହରିଣ ତ ତାହା ଚାହୁଁଥିଲା । ସେ କୁମ୍ଭୀରର କଅଁଳିଆ କଥା ଶୁଣି କହିଲା, "ମୁଁ ସବୁଦିନେ ତୁମ ନଈରୁ ପାଣି ପିଉଛି ଯେତେବେଳେ ଆମ ଜଙ୍ଗଲରେ ମିଳୁଥିବା ଅଳ୍ପ କେଇଟା ମିଠାଫଳ ଆଣିଛି । ସବୁଦିନେ ପାଣିର ଜୀବଜନ୍ତୁ ଖାଇଖାଇ ତୁମ ପାଟି ଅରୁଚି ଧରିବଣି । ଏହାକୁ ଖାଇଲେ ଭଲ ଲାଗିବ ।" ସତକୁ ସତ ହରିଣ ତା' ପାଇଁ ବଣଜିନିଷ ଆଣିଥିବା କଥା ଶୁଣି କୁମ୍ଭୀର ବାହାରକୁ ଆସିଲା । ତା' ପାଟିରୁ ଲାଳ ବୋହିବାକୁ ଲାଗିଲା । ସେଦିନ ସେ ହରିଣ ଉପରେ ଆଖି ନପକାଇ ତା'ର ପୁଡ଼ିଆ ଉପରେ ନଜର ପକାଇଲା । ହରିଣ ଭାବିଲା- ଏହାକୁ ଖାଇ କୁମ୍ଭୀର ତା' ସହିତ ମିତ ହେବ । ଆଉ ତାକୁ ହଇରାଣ କରିବ ନାହିଁ । ସେ ଆରାମରେ ପାଣି ପିଇ ସୁସ୍ଥ ରହିବ । ନିର୍ଭୟରେ ହରିଣ ତା' ପାଟିକୁ ପୁଡ଼ିଆଟି ପକାଇଦେଲା ।

କୁମ୍ଭୀର ଯେମିତି ସେହି ପୁଡ଼ିଆକୁ ଦାନ୍ତରେ ଚାପିଛି ଥୁ ଥୁ କରି ଫିଙ୍ଗିବା ସହିତ ଝାମ୍ପ ଦେଲା ହରିଣ ଉପରକୁ । ସେ ଡାକ ପକାଇଲା, "କୁମ୍ଭୀର, ଶୁଣ ଶୁଣ ତୋ ପାଇଁ ନୂଆ ଖବର ଆଣିଛି ।" ତା' କଥାରେ କୁମ୍ଭୀର ଅଟକିବାରୁ ହରିଣ ଦୌଡ଼ି ପଳାଇଲା । ସେତିକିବେଳେ ବିଲୁଆ ସେହି ବାଟ ଦେଇ ଯାଉଥିଲା । ବିଲୁଆ କୁମ୍ଭୀର ପାଖକୁ ଆସି ଘଟଣା ବିଷୟରେ ପଚାରିଲା । କୁମ୍ଭୀର ପାଟିରୁ ବାହାର କରିଥିବା ବିଭିନ୍ନ ପ୍ରକାର ଫଳମୂଳ ପାଖରେ ପଡ଼ିଥିବାର ବି ବିଲୁଆ ଦେଖିଲା । ଏଥିରୁ ସେ ହରିଣର ଉଦ୍ଦେଶ୍ୟ ବୁଝିଗଲା । କାରଣ ହରିଣ ଆଣିଥିବା ଫଳଗୁଡ଼ିକ ମୂଲ୍ୟବାନ ଥିଲା ।

ବିଲୁଆ ହରିଣକୁ ଡାକ ପକାଇଲା । ହରିଣ ଭୟରେ ଦୂରରେ ରହିଥାଏ । ତାକୁ ବଡ଼ପାଟିରେ ବିଲୁଆ କହିଲା, "ଯାହାର ଯେଉଁ ଖାଦ୍ୟ ଦରକାର ତାକୁ ତାହା ଦେଲେ ସିନା ହେବ । ତୋ ପସନ୍ଦର ଖାଦ୍ୟ କୁମ୍ଭୀରକୁ ଦେଇ ତା' ସହିତ ବନ୍ଧୁତା କରିବାର ଚିନ୍ତାକରିବା ବୋକାମୀ । ଏପରି ଉପହାର ଦେଇ ବନ୍ଧୁତା କରାଯାଏନି । ସ୍ନେହ, ଶ୍ରଦ୍ଧା ଭରା ମନରେ ବନ୍ଧୁତା କରାଯାଏ ।" ଏହା ଶୁଣି ହରିଣ ଲଜ୍ଜିତ ହେଲା । କୁମ୍ଭୀର ହସି ଉଠୁଥିବା ବେଳେ ବିଲୁଆ ତାକୁ କହିଲା, "ତୁମେ ଲୋଭରେ ଯେ କୌଣସି ଜିନିଷକୁ ଗ୍ରହଣ କରିବା ଠିକ୍ ନୁହେଁ । ଯଦି ତାହା କୌଣସି ବିଷାକ୍ତ ପଦାର୍ଥ ହୋଇଥାଆନ୍ତା, ତେବେ ତୁମର ଅବସ୍ଥା କ'ଣ ହୋଇଥାଆନ୍ତା, ଜାଣ ? ଏହା ବ୍ୟତୀତ ଦାନ ଦେଉଥିବା ପ୍ରାଣୀର ଉଦ୍ଦେଶ୍ୟକୁ ନବୁଝି ଏପରି ଗ୍ରହଣ କରିବା ଅତି ଅସୁନ୍ଦର କଥା ।" କୁମ୍ଭୀର ବି ଲାଜରେ ମୁହଁ ତଳକୁ କରି ରହିଲା । ତାପରେ ବିଲୁଆ ତା' ବାଟରେ ଚାଲିଗଲା ।

ମିଛ ବନ୍ଧୁତା କରି କାମ ହାସଲ କରିବା କଥା ହରିଣ ଭୁଲିଗଲା। ସେହିଦିନ ଠାରୁ ସେ ଛକି ଛକି କୁମ୍ଭୀର ନଥିବା ବେଳେ ପାଣି ପିଇଲା ଓ ସୁସ୍ଥ ରହିଲା ।

+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨
ଫୋନ୍-୯୭୭୬୨୩୮୫୨୨

# ବଣ ରାଇଜରେ ପିତାଦିବସ

ନଗେନ୍ଦ୍ର ନାଥ ପଟ୍ଟନାୟକ





ଚମନ ବିହାର ବଣରେ ପିଲୁ ବିଲେଇ ତା'ପାପାଙ୍କ ସାଥିରେ ରହୁଥାଏ । ସ୍କୁଲରୁ ନେବାପାଇଁ ପାପା ଆସିବାଟା ପିଲୁକୁ ମୋଟେ ଭଲ ଲାଗୁ ନଥାଏ । ତା' ସାଙ୍ଗମାନେ ବି ତାକୁ ଖୁବ୍ ଚିଡାଉଥିଲେ- 'ପିଲୁ ଦେଖ ! ତୋ ପାପା ତତେ ସ୍କୁଲରୁ ନେବାକୁ ଆସିଗଲେଣି । ତା'ଉପରେ ନଜର ପଡିବା ମାତ୍ରେ ଗୋଲୁ ହାତୀ, ନମନ ଠେକୁଆ ଓ ସିଧୁ ମୟୂର ଏକାବେଳକେ କହି ପକାଇଲେ–'କଲୁ ଅଙ୍କଲ ଆସିଗଲେଣି'... 'କଲୁ ଅଙ୍କଲ ଆସିଗଲେଣି...।'

'ପାପା ! ତମକୁ କେତେଥର କହିଛି ମତେ ସ୍କୁଲ ନେଇ ଆସିବନି । ମୋ ସାଙ୍ଗ ତମକୁ ଦେଖି ମତେ ଚିଡାଉଚନ୍ତି । କାଲିଠୁ ତମେ ମୋ ସ୍କୁଲ ଆସିବନି...।' 'କିନ୍ତୁ ପିଲୁ ! ତୁ ଏବେ ସାନପିଲା,ଏଣୁ ତତେ ନେବାକୁ ଆସିଛି ।'

ଏମିତି ଦିନେ ଠେକୁଆ କହିଲା- 'କଣ ପିଲୁ, ଆଜି ତୋ ପାପା ଆସିଲେନି ? ତୁ କ'ଣ ଏଠି ... ? ଚାଲ ଘରକୁ ଯିବା । ପାପା ମୁହଁଡାଙ୍କି ପିଲୁ ପଛେ ପଛେ ସ୍କୁଲରୁ ଫେରି ଘରେ ପହଁଚିଗଲେ । 'ପାପା ! ମତେ ଖାଇବା ଦିଅ, ତା'ପରେ ମୁଁ ଘରପାଠ ସାରି ସାଙ୍ଗମାନଙ୍କ ମେଳରେ ଖେଳିବାକୁ ଯିବି । ଯେମିତି ସ୍କୁଲ ଆସି ନଥିଲ ସେମିତି ଖେଳ ପଡିଆରେ ବି ତମେ ଆସିବନି ...।' 'ଆଚ୍ଛା, ଠିକଅଛି ।'ବାପା କହିଲେ ।

ଜଙ୍ଗଲରେ ମହାରାଜ ସିଂହ ଘୂରି ବୁଲିବା ପାଇଁ ଗୁମ୍ଫାରୁ ବାହାରିଲା ବେଳକୁ ତାକୁ ବିଲେଇ ରୂପଧାରୀ ଜନ୍ତୁଟା ଆତଯାତ କରୁଥିବା ଦିଶୁଥିଲା । ଦିନେ ମହାରାଜ ସିଂହ କହିଲା-'ଚମ୍ପୁ କୋକୀ ! ମୁଁ ନିଇତି ଦେଖୁଚି ମୋ ପରିକା ବିଲେଇଟା ମୁହଁଡାଙ୍କି ତା'ଛୁଆ ପଛେ ପଛେ ଯାଉଚି । ଆଉ, ସଂଜକୁ ଗଛ ପଛପଟେ ଛିଡାହୋଇ ବିଲେଇ ଛୁଆଟି ଜୁଳୁଜୁଳୁ ଆଖିରେ ଅନେଇ ରହୁଚି । କଥା କ'ଣ ?'

ଦିନେ ଶ୍ରେଣୀରେ ଗୁରୁମା ନୀନୁ ବିଲେଇ କହିଲା–'ଶୁଣ ପିଲେ ? ଦି ଦିନ ପରେ ପିତାଦିବସ ପାଳିତ ହେବ ।

ଏଇଦିନ ସମସ୍ତଙ୍କୁ ନଜି ପାପାଙ୍କ ସାଥିରେ ସ୍କୁଲ ଆସିବାକୁ ହେବ । 'ହଁ ଗୁରୁମା !' ସବୁପିଲା ଏକାବେଳକେ କହି ଉଠିଲେ । ସେଦିନ ମହାରାଜ ସିଂହ ଆମ ସ୍କୁଲରେ ଅତିଥି ହୋଇ ଆସୁଚନ୍ତି । ପିଲୁ ! ତୁ କଣ ଚୁପ୍‌ଚାପ୍ ବସି ରହିଚୁ ?

ତୁ ବି ତୋ ପାପାଙ୍କ ନେଇ ଆସିବୁ...।' ସବୁପିଲାଙ୍କ ତୁଣ୍ଡରୁ ଖସି ଆସିଲା – 'ହା...ହା...ହା !'ସେଠୁ ଗୁରୁମା ଚେତେଇ ଦେଇ କହିଲେ-କ'ଣ ପାଇଁ ଇମିତି ହସୁଚ ? ସବୁପିଲା ନୀରବ ହେଇ ପଢାପଢି କର । 'ଫାଦର୍ସ ଡେ' ଦିନ ମହାରାଜା ସିଂହ ତମମାନଙ୍କୁ ଫାଦର୍ସ ଡେ ବିଷୟରେ କିଛି ବତେଇବେ ।'

ସତକୁ ସତ 'ଫାଦର୍ସ ଡେ' ଦିନ ମହାରାଜା ସିଂହ ସ୍କୁଲରେ ପହଁଚିଗଲା । ପିଲାଙ୍କ ଆଡିକି ଅନେଇ କହିଲା– 'ତା'ହେଲେ ପିଲେ ! ଯେମିତି ଜଣେ ମାଆ ତା'ପିଲାଟିକୁ ଲାଳନପାଳନ କରି ବଡକରେ, ସେମିତି ଜଣେ ବାପା ବି ତା ପିଲାଙ୍କୁ ପୋଷିଥାଏ । ମୁଁ ଆଜି ତମମାନଙ୍କୁ ଜଣେ ପାପାଙ୍କ କାହାଣୀ ଶୁଣାଉଚି ।

କିଛିବର୍ଷ ଆଗରୁ ଜଙ୍ଗଲରେ ନିଆଁ ଲାଗିଗଲା । ସବୁ ଜୀବଜନ୍ତୁ ନିଜ ନିଜର ଜୀବନ ରକ୍ଷାପାଇଁ ଲାଗିପଡିଲେ ।

ସେଠୁ ମହାରାଜା ସିଂହ କହିଲା– 'ଆରେ ! ଖାଲି ନିଜ ପରିବାର କୁଟୁମ୍ବ ନୁହେଁ ଅନ୍ୟ ଜୀବଜନ୍ତୁଙ୍କ ପରିବାରକୁ ବି ରକ୍ଷା କରିବାକୁ ହେବ । ଚାଲ , ମୁଁ ବି ଯାଉଚି । ଚମ୍ପୁ କୋକୀ, ସେ ବିଲେଇଟା ଅଛି ନା !' ହଜୁର ମହାରାଜ ! ତା'ର ଘର ଓ ପରିବାର ପୂରାପୂରି ଜଳିପୋଡି ପାଉଁଶ ହୋଇଯାଇଚି ।' କିନ୍ତୁ ସେ କ'ଣ କାହାରି ଘରେ ଧସେଇ ପଶିବାକୁ ଚେଷ୍ଟା କରୁଛି ?' ଆଜ୍ଞା ମହାରାଜ ! ସେ ତାର ଖାସ୍ ସାଙ୍ଗ ସୋରିଷିଆ ରଙ୍ଗର ବିଲେଇ ଘରେ ରହିଚି। ସେ ତା ପରିବାର କୁଟୁମ୍ବଙ୍କ ଜୀବନ ବଂଚେଇଚି ।' 'ଆରେ ! କେତେ ଭଲକାମ କରିଛି ସେ ବିଲେଇଟା । ନିଜର ଦୁଃଖ ଭୁଲିଯାଇ ତା ସାଙ୍ଗ ପରିବାର କୁଟୁମ୍ବଙ୍କ ଜୀବନ ରକ୍ଷା କରୁଚି ।' 'ହଁ ! ସାଙ୍ଗ ଆଉ ତା ଭାରିଜାକୁ ସିନା ବଂଚେଇ ପାରିଲାନି କିନ୍ତୁ ତା ପୁଅଟିର ଜୀବନ ରକ୍ଷା କରିଦେଲା ।

ମହାରାଜ ସିଂହ କହିଲା–'ଆରେ ପିଲୁ ! ତୁ କାଇଁକି ଇମିତି କନ୍ଦାକଟା କରୁଚୁ ? 'ମୁଁ ବତାଉଚି, ଶୁଣ । ସେ ଧୂସର ରଙ୍ଗର ବିଲେଇଟି ହେଉଛି ପିଲୁ ବିଲେଇ ଛୁଆ । ଏଥର ପିଲୁ ସବୁକିଛି ବୁଝିଗଲା । କଲୁ ବିଲେଇ ଛାତିରେ ଆଉଜିପଡି ପିଲୁଛୁଆ କହିଲା-'ପାପା...ପାପା ! ମତେ ମାଫ୍ କରିଦିଅ। ମୁଁ ତମକୁ ଭୁଲ ବୁଝିଥିଲ।' ତା'ପରେ ଗୋଲୁ ହାତୀ ,ନମନ ଠେକୁଆ ଓ ସିଧୁ ମୟୂର ଏକାସ୍ୱରରେ କହିଲେ- 'ଅଙ୍ଗଲ ! ଆମକୁ ବି କ୍ଷମା କରିଦିଅ ।' 'କିଛି କଥା ନାଇଁ ପିଲେ ... । 'ମହାରାଜ ସିଂହ ! ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ। ଆପଣଙ୍କ ଯୋଗୁଁ ମୋ ପାଖକୁ ମୋର ପୁଅ ଫେରି ଆସିଛି।' ପିଲୁର ବାପା କଲୁ କୃତଜ୍ଞତା ଜଣାଇ କହିଲେ । 'ଧନ୍ୟବାଦ ଦେବାର କୌଣସି ଆବଶ୍ୟକତା ନାଇଁ, ମୁଁ ଏ ଜଙ୍ଗଲର ମହାରାଜା । ଆଉ, ନିଜ ପ୍ରଜାଙ୍କ ପ୍ରତି ଧ୍ୟାନ ରଖିବା ମୋର କର୍ତ୍ତବ୍ୟ।' ଏଥର ପିଲୁ ବିଲେଇ ପାପାଙ୍କ ହାତଧରି ଖୁସିବାସୀରେ ଘରଆଡେ ମୁହାଁଇଲା ।

+ଓସ୍କାର ସିଟି, ଲେନ୍ ନଂ-୯,
ପ୍ଲଟ ନଂ-୪୫୬
ଲକ୍ଷ୍ମୀବଜାର କେନାଲ ରୋଡ୍,
ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

କବିତା
ତୁମ ପାଇଁ



## ସେଇ ଆମ ସୁନା ପୁଅ...

ରାମଚନ୍ଦ୍ର ବେହେରା

ପିଲାଂକ ଭିତରେ ଚତୁର ସେହି
ବୁଦ୍ଧି ବିଚାରି ଯେ କାମ କରଇ
ନକରଇ କଳିଗୋଳ
ସଭିଂକ ସାଥୀରେ ହସି ହସି ଯିଏ
ପଡିଆରେ ଖେଳେ ଖେଳ।

ନିଜ ଦୁଃଖରେ ଯେ ଭାଂଗି ପଡେନି
ଅନ୍ୟର ଖୁସିରେ ଦୁଃଖୀ ହୁଏନି
ନିଜ ଘରେ ଯାହା ଥାଏ
ଅଝଟ ନକରି ଘର ଦରବକୁ
ଆନନ୍ଦରେ ଯିଏ ଖାଏ।

ଗୁରୁଂକ କଥାକୁ ଦିଅଇ ମାନ
ବରିଷ୍ଠ ଜନଂକୁ କରେ ସମ୍ମାନ
ଆଶିଷ ମିଳଇ ତାକୁ
ଭଲ ଚାଟ ବୋଲି ନାଆଁ କରେ ସିଏ
ହରଷେ ବଢେ ଆଗକୁ।

ଅନ୍ୟର ଅନିଷ୍ଟ କରେନି ଯିଏ
ଦୁଃଖୀଂକ ସେବାରେ ସମୟ ଦିଏ
ତା'ପରି ହୋଇବ କିଏ
ଉତ୍ତମ ସ୍ୱଭାବ ଆପଣାଇ ଯିଏ
ସଭିଂକ ପରାଣ ଛୁଏଁ।

ଗଛ ଲତାଂକର ଯତନ ନିଏ
ଜୀବ ଜନ୍ତୁଂକୁ ଯେ ଦୁଃଖ ନଦିଏ
ପ୍ରାର୍ଥନା କରଇ ନିତି
ପାଠ ପଢା ବେଳେ ଟିଭି କମ୍ପ୍ୟୁଟର
ପାଖରୁ ଯାଏ ସେ ହଟି।

ଆଜି କାମକୁ ଯେ ଆଜି କରଇ
ପୁସ୍ତକକୁ ପଢେ ମନ ଲଗେଇ
ସଫା ରଖେ ନିଜ ଦେହ
ଜେଜେ ଖୁସି ହୋଇ ଗେହ୍ଲେଇ କୁହନ୍ତି
ସେଇ ଆମ ସୁନା ପୁଅ।

+ ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଟଗର ଫୁଲ ଟିକି ଟିକି

ସୁନୀଲ କୁମାର ପ୍ରଧାନ

ଟଗର ଫୁଲ ଟିକି ଟିକି
ପ୍ରଣାମ ହେବୁ ଗୁରୁ ଦେଖି ।

ଟଗର ଫୁଲ ଟିକି ଟିକି
ପାଠ ପଢାରେ ଥିବୁ ଲାଖି ।

ଟଗର ଫୁଲ ଟିକି ଟିକି
ସଦାବେଳେ ସତ୍ୟତା ସାକ୍ଷୀ ।

ଟଗର ଫୁଲ ଟିକି ଟିକି
ଖଳ ସଙ୍ଗେ ନଯିବୁ ମାତି ।

ଟଗର ଫୁଲ ଟିକି ଟିକି
ମନେ ଗୁପ୍ତ କଥା ଥା ରଖି ।

ଟଗର ଫୁଲ ଟିକି ଟିକି
କଥା କହିବୁ ସ୍ଥାନ ଦେଖି ।

ଟଗର ଫୁଲ ଟିକି ଟିକି
ନମ୍ର ହେବୁ ବରିଷ୍ଠ ଦେଖି ।

ଟଗର ଫୁଲ ଟିକି ଟିକି
କୁନି ପିଲାଏ ଆମେ ସଖୀ ।

+ ଝାଟିପଦର , ପାଲୁର, ଗଂଜାମ
ମୋ - ୭୬୦୯୯୩୪୩୬୬



## ଗଛ ଲଗାଇବା ଆସ

ଧ୍ରୁବ ଚରଣ ବେହେରା

ଗଛଟି ଅଟଇ ଅତି ଉପକାରୀ
ନ କାଟିବ ତା'କୁ ଭାଇ
କେତେ କଷ୍ଟ ପୁଣି ସହି ବର୍ଷା ଖରା
ଆମ ପାଇଁ ବଞ୍ଚି ଥାଇ ।

ବୃକ୍ଷ ହିଁ ଯୋଗାଏ ଫୁଲ ଫଳ ଛାଇ
ଜାଳେଣି କାଠ ଓ ପତ୍ର
ହୋଇଯାଏ ଜଦି ଅଦରକାରୀ ସେ
ନିଜେ ସଢି ହୁଏ ଖତ ।

ମୁଣ୍ଡ ପିଛା ଆସ ଲଗାଇବା ଗଛ
ସବୁଜ ହୋଇବ ଧରା
ନ କରିବା ପଦା ଜଙ୍ଗଲକୁ କାଟି
ବୃକ୍ଷ ହିଁ ଅମୂଲ୍ୟ ହୀରା ।

ଏକ ବୃକ୍ଷ ଏକ ଜୀବନ ଅଟଇ
ନ ଭୁଲିବା ଏହି ପଣ
ଆସ ଲଗାଇବା ମିଳି ମିଶି ଗଛ
ଗଛ ହିଁ ଅମୂଲ୍ୟ ଦାନ ।

ବୃକ୍ଷ ଦିଏ ଫଳ ଫୁଲ ଓ ଜାଳେଣି
ଅମ୍ଳଜାନ ଥଣ୍ଡା ଛାଇ
ବୃକ୍ଷ ପରି କେହି ପରୋକ୍ଷ ଭାବରେ
ପରୋପକାରୀ ଟେ ନାହିଁ ।

ଟିକି ଚାରା ଟିଏ ପୋତି ଦେଇ ଆମେ
ଯତନ ନେଲେ ତାହାର
ହୋଇବ ଦିନେ ସେ ମହାନ୍ ବୃକ୍ଷଟେ
ସେବାରେ ଆସେ ଆମର ।

ଆସ ଲଗାଇବା ଗଛ ବନ୍ଧୁମାନେ
ଶପଥ କରିବା ଆସ
ବୃକ୍ଷ ଭରା ଜଦି ରହିବ ପୃଥିବୀ
ଜୀବନ ହୋଇବ ସ୍ୱଚ୍ଛ ।

+ ଭାରତୀୟ ସାମରିକ ସେବା ।
ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

## ଏଇଠି ରହିଛି

କୀର୍ତ୍ତନ ସାହୁ

ଏଇଠି ରହିଛି ବଇଶାଖୀ ତାତି
କେତେ ଜଳ ଶୋଷି ନିଏ
ମେଘ ଦେହେ ସଞ୍ଚି ବରଷା ବରଷି
ଶୀତଳତା ଆଣି ଦିଏ ।

ଏଇଠି ରହିଛି ମୟୂରର ନାଚ
ମେଘ ଯେବେ ଘୋଟି ଆସେ
ଏଇଠି ରହିଛି ଚମ୍ପା ମଲ୍ଲି ଫୁଲ
ମହ ମହ ହୋଇ ବାସେ ।

ଏଇଠି ରହିଛି ଶୀତର ସଙ୍ଗୀତ
ଭାରି ମିଠା ମିଠା ଲାଗେ
ଏଇଦିନେ ଆମ କାମ କରିବାକୁ
ମନରେ ସରାଗ ଜାଗେ।

ମଧୁର ମଳୟ ବହି ଯାଏ ଏଠି
କୁହୁ କୁହୁ ସ୍ୱର ଭାସେ
ଏହି ସଙ୍ଗୀତରେ ମନ ପୁଲକିତ
କାମରେ ସରାଗ ଆସେ ।

ପ୍ରକୃତିର କେତେ ଭଲ ଭଲ ଶୋଭା
ଭରି ଅଛି ଆମ ପାଇଁ
ଆଦରି ପାରିଲେ ଭଲ ମନ ନେଇ
ଉପକାର ମିଳି ଥାଇ ।

+ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧



## ଆସୁଛିରେ କଳାଦିଅଁ

ଶରତ କୁମାର ଦାସ

ଭାବ-ପୀରତିର ପସରା ମେଲେଇ
ଆସୁଛିରେ କଳାଦିଅଁ,
ନନ୍ଦିଘୋଷ ରଥେ ବସିଛି ଖୁସିରେ
(ତା) ଆଶିଷ ଟିକିଏ ନିଅ ।

କହିଦିଅ ତାକୁ ତମ ମନ କଥା
ଶୁଣିବ ସେ ଡେରି କାନ,
ହାତ ନଥାଇ ବି କୋଳେଇ ନେବ ସେ
କରିବନି ହୀନିମାନ ।

ଭକତିର ଫୁଲେ ସଜାଇ ଦିଅ ହେ
ଝରିବ ଆଶିଷ ବାରି,
ଦୁଃଖ ଯେତେ ସବୁ ଦୂରକରିଦେବ
ସିଏ ପରା ଦୁଃଖହାରୀ ।

ତା ଆଖିରେ ଥରେ ମିଶିଗଲେ ଆଖି
ମିଳିବଟି ସୁଖଶିରୀ ,
ହଟିବ ବିପଦ, ହସର ଜୁଆର
ଆସିବଟି ଥିରିଥିରି ।

ତା ନାଆଁଟି ଯେବେ ତୁଣ୍ଡୁ ବାହାରିବ
ଖୁସିରେ ନାଚିବ ମନ,
ତା ରୂପକୁ ଥରେ ଦେଖିବାପାଇଁ କି
ଇଚ୍ଛାହେବ ଘନଘନ ।

ଚକାଆଖି ତାର ସବୁ ଦେଖୁଥାଇ
ସାନବଡ ମଣେ ନାହିଁ,
ଏମିତି ଠାକୁର କରଇ ବିଚାର
ପାପ ଓ ପୁଣ୍ୟକୁ ଚାହିଁ ।

ବାଜିଲାଣି ଘଣ୍ଟଘଣ୍ଟା ମୁରୁଦଙ୍ଗ
ରଥ ଚାଲିଲାଣି ଘାଇଁ,
ଭକତଙ୍କ ପରା ଭିଡ ଜମିଲାଣି
ଆସ ଆସ ପିଲେ ଧାଇଁ ।

ଦରଶନ କର ତା ରୂପକୁ ଥରେ
ଆଖି ଯିବ ତମ ଲାଖି,
କାଳିଆ ରଜା ସେ ଜଗତର ସାଇଁ
ସୁଖ ଓ ଦୁଃଖର ସାକ୍ଷୀ ।

+ ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର

# ଡିଏଭି ପିପିଏଲରେ ଅଲଙ୍କରଣ ସମାରୋହ ଅନୁଷ୍ଠିତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ଶିଳ୍ପ ଦକ୍ଷତା ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ

ପାରାଦ୍ୱୀପ , ୧୨/୭ (ନି.ପ୍ର): ପି ପି ଏଲ ସ୍ଥିତ ଡି ଏ ଭି ପବ୍ଲିକ ସ୍କୁଲର ଅଲଙ୍କରଣ ସମାରୋହ ତା୧୨.୦୭.୨୪ ରିଖରେ ଅନୁଷ୍ଠିତ ହୋଇ ଯାଇଛି । ପି ପି ଏଲ ସ୍ଥିତ କମ୍ୟୁନିଟି ହଲରେ ଏହି ସମାରୋହ ଆୟୋଜନ ହୋଇଥିଲା। ଓଡ଼ିଶା ସରକାରଙ୍କ ଶିଳ୍ପ ଦକ୍ଷତା ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ପିପିଏଲ ସାର କାରଖାନାର ସିଏମଓ ଶ୍ରୀ ପାଲାମି ସାମୀ ବେଲୁ ସାମୀ, ସି.ଜି.ଏମ ଶ୍ରୀ ସୁମିତ୍ ସେନାପତି ଓ ଶ୍ରୀ ଜଗନ୍ନାଥ ଖୁଣ୍ଟିଆ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଓ ପିପିଏଲର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଏବଂ ଇଫକୋ ଡିଏଭି ର ଅଧକ୍ଷ ଶ୍ରୀ ସମ୍ପିତ ସୁକୁମାର ଚିନ୍ନାରା , ପିପିଟି ଡିଏଭି ର ଅଧକ୍ଷା ଶ୍ରୀମତୀ ବିନ୍ଦୁଶ୍ରି ମହାନ୍ତି ଙ୍କୁ ପିପିଏଲ ଡିଏଭି ର ଅଧକ୍ଷ ଶ୍ରୀ ସଞ୍ଜୀବ କୁମାର ସାହୁ ସ୍ୱାଗତ କରିଥିଲେ । ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ସହ ପିପିଏଲର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାଳୟର ଅଧକ୍ଷ ଶ୍ରୀ ସଞ୍ଜୀବ କୁମାର ସାହୁ ନିଜର ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଡିଏଭି ଓଡ଼ିଆ ମାଧ୍ୟମର ପୁରାତନ ଛାତ୍ର ଭାବରେ ଉଚ୍ଚ ପ୍ରଶଂସା କରି ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିଲେ । ଏହା ପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭିନ୍ନ ଉଦାହରଣ ମାଧ୍ୟମରେ ଗୁରୁଶିଷ୍ୟ ମଧ୍ୟରେ ଥିବା ଉତ୍ତମ ସମ୍ପର୍କ ଉପରେ ମତ ବ୍ୟକ୍ତ କରିବା ସହ ତାଙ୍କର ସଫଳତା ପଛରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଭୂମିକା ସମ୍ପର୍କରେ ଅଭିଭାଷଣ ଦେଇଥିଲେ । ଏହି ଉତ୍ସବରେ ଇଂରାଜୀ ମାଧ୍ୟମର ଦଶମ ଓ ଦ୍ୱାଦଶ ଶ୍ରେଣୀରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଓ ଓଡ଼ିଆ ମାଧ୍ୟମର ଦଶମ ଶ୍ରେଣୀରେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ସହ ପ୍ରୋତ୍ସାହିତ କରାଯାଇଥିଲା । ସ୍ୱାଗତ ସଙ୍ଗୀତ ଓ ଗଣେଶ ବନ୍ଦନା ନୃତ୍ୟ ପରିବେଷଣ ଏହି କାର୍ଯ୍ୟକ୍ରମଟିକୁ ଚିତ୍ତାକର୍ଷକ କରିଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲ କ୍ୟାବିନେଟର ନବ ନିର୍ବାଚିତ ସଦସ୍ୟ(ଛାତ୍ରଛାତ୍ରୀ) ମାନଙ୍କୁ ବ୍ୟାଜ୍ ଓ ଶାସ୍ ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ବିଭିନ୍ନ ପଦବୀ ମଣ୍ଡନ କରିଥିବା ବିଦ୍ୟାର୍ଥୀ ମାନେ ବିଦ୍ୟାଳୟର ବିଭିନ୍ନ ଦାୟିତ୍ୱ ନିଷ୍ଠା ଓ ଶୃଙ୍ଖଳା ର ସହ ସମ୍ପାଦନ କରିବାକୁ ଶପଥ ପାଠ କରିଥିଲେ । ଡିଏଭି ବିଦ୍ୟାଳୟ ଓ ପିପିଏଲ ତରଫରୁ ଏ ସମସ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟିକୁ ଇଂରାଜୀ ମାଧ୍ୟମର ଶିକ୍ଷକ ଶ୍ରୀଯୁକ୍ତ ଜୟଦେବ ଚକ୍ରବର୍ତ୍ତୀ , କ୍ରୀଡ଼ା ଶିକ୍ଷକ ଶାଶ୍ୱତ କୁମାର ଭାରତୀୟ , ଶ୍ରୀମତୀ ସସ୍ମିତା ସାମନ୍ତରାୟ ଓ ଶ୍ରୀଯୁକ୍ତ ସୂର୍ଯ୍ୟ ନାରାୟଣ ଷଡ଼ଙ୍ଗୀ ଙ୍କ ସହ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସୂଚାରୁ ରୂପେ ସମ୍ପାଦିତ କରିଥିଲେ । ଶେଷରେ ବିଦ୍ୟାଳୟର ସଂଯୋଜକ ଶ୍ରୀଯୁକ୍ତ ବୃନ୍ଦାବନ ରାଉତ କାର୍ଯ୍ୟକ୍ରମଟି ସଫଳତାର ସହ ପରିଚାଳିତ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ଡି. ଏ. ଭି. ବିଦ୍ୟାଳୟ ସମୂହ ଆଞ୍ଚଳିକ ଅଧିକାରୀ ଡ. କେଶବ ଚନ୍ଦ୍ର ଶତପଥୀ ମହୋଦୟ ଓ ଉପ ଆଞ୍ଚଳିକ ଅଧିକାରୀ ଡ. ସୁଜାତା ସାହୁ ଅଲଙ୍କରଣ ସମାରୋହକୁ ପ୍ରଶଂସା କରିଥିଲେ।

# ‘ମନା’ର ବାର୍ଷିକ ସମ୍ମିଳନୀର ସମୀକ୍ଷା ବୈଠକ ଅନୁଷ୍ଠିତ



ବାଲେଶ୍ୱର, ୧୨/୭ (ନି.ପ୍ର): ‘ମିଳିତ ନିଶା ନିବାରଣ ଅଭିଯାନ, ବାଲେଶ୍ୱର’ର ଅଷ୍ଟମ ବାର୍ଷିକ ସମ୍ମିଳନୀର ସମୀକ୍ଷା ବୈଠକ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ସାଧାରଣ ସଂପାଦିକା ମମତା ମହାପାତ୍ର ଅଷ୍ଟମ ବାର୍ଷିକ ସମ୍ମିଳନୀର ବିବରଣୀ ପାଠ କରିଥିଲେ । ଉପଦେଷ୍ଟା ସୁବ୍ରତ କର ନିଶାମୁକ୍ତ ଓଡ଼ିଶା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ଚିଠି ମାଧ୍ୟମରେ ଅବଗତ କରାଯିବା ପାଇଁ ଆଗତ ପ୍ରସ୍ତାବ ଗୃହୀତ ହୋଇଥିଲା । ବାର୍ଷିକ ସମ୍ମିଳନୀର ନିଷ୍ପତ୍ତି ଅନୁସାରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ଅବକାରୀ ମନ୍ତ୍ରୀଙ୍କୁ ଭେଟି ନିଶାମୁକ୍ତ ଓଡ଼ିଶା ପାଇଁ ଦାବିପତ୍ର ଦେବାକୁ ପ୍ରସ୍ତାବ ଗ୍ରହଣ କରାଗଲା । ଉତ୍ତରଓଡ଼ିଶାରେ ନିଶା ବିରୋଧରେ ୧୫ଟି କଲେଜରେ ସଚେତନତା କାର୍ଯ୍ୟକ୍ରମ ପାଇଁ ସୁକୁମାର ରଣା ଉତ୍ତର ବାଲେଶ୍ୱର ଜିଲ୍ଲା ସଂଯୋଜକ ଭାବେ ଦାୟିତ୍ୱ ନେଇଥିବାରୁ ତାଙ୍କୁ ସାଧୁବାଦ ଅର୍ପଣ କରାଯାଇଥିଲା । ବୈଠକରେ ଚଳିତ ବର୍ଷର ଆୟବ୍ୟୟ ଆଲୋଚିତ ହୋଇ ଗୃହୀତ ହୋଇଥିଲା । ସର୍ବଶ୍ରୀ ପ୍ରଫୁଲ୍ଲ କୁମାର ଦାସ, ଡ. କ୍ଷିତୀଶ୍ୱର ଦାଶ, କୁମୁଦ ରଞ୍ଜନ ଗିରି, ସୀତାରାମ ପ୍ରଧାନ, ବେଣୁଧର ସାହୁ, ଭାରତୀ ପଣ୍ଡା, କମଳାକାନ୍ତ ଦାଶ, ସନାତନ ଦାସ, ନିରଞ୍ଜନ ପରିଡ଼ା, ତ୍ରିଦିବ ନାୟକ, କଲ୍ୟାଣୀ ନନ୍ଦ, ଶାଳିନୀ ନାୟକ, ରମେଶଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ପ୍ରଭାକର ସାହୁ(ଖ) ଓ ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଂସ୍କୃତି ସମ୍ପନ୍ନ ଶିକ୍ଷା ହିଁ ସମାଜକୁ ପରିବର୍ତ୍ତନ କରିପାରେ



ନଛିପୁର, ୧୨/୭ (ନି.ପ୍ର): ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ନଛିପୁରରେ ଉଦଘାଟିଳ ସାମ୍ପ୍ରତିକ ଅବକ୍ଷୟ ସମାଜ ରେ ସମାଜ ଓ ଜାତିକୁ କେବଳ ବାସ୍ତବ ଓ ସଂସ୍କୃତିସମ୍ପନ୍ନ ଶିକ୍ଷା ହିଁ ପରିବର୍ତନ କରିପାରିବ ବୋଲି ମୁଖ୍ୟ ଅତିଥି ତଥା ଉଦଳା ର ବିଧାୟକ ଭାସ୍କର ମଢେଇ ମତବ୍ୟକ୍ତ କରିଛନ୍ତି । ପୋଡାଡିହା ନଛିପୁର ଗ୍ରାମ ଭଳି ଅବହେଳିତ ଅଂଚଳ ରେ ଶିକ୍ଷା ର ବିକାଶକୁ ଏହି ଭଳି ଶିକ୍ଷା କେନ୍ଦ୍ର ଆଗେଇ ନେବ ବୋଲି ଶ୍ରୀ ମଢେଇ କହିଥିଲେ । ମୁଖ୍ୟବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶାର ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ଏହା କେବଳ ସାଧାରଣ ଶିକ୍ଷା କେନ୍ଦ୍ର ନ ହୋଇ ସାମାଜିକ ସଂସ୍କାର କେନ୍ଦ୍ର ଭାବେ ଅଭିଭାବକ ଓ ଜନ ସାଧାରଣ ମାନଙ୍କୁ ଶିକ୍ଷା ପ୍ରତି ସଚେତନତା ଆଣିବାରେ ସହାୟକ ହେବ । ପ୍ରାରମ୍ଭରେ ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଏହି ସଭା ରେ ଅନୁଷ୍ଠାନ ର ପ୍ରତିଷ୍ଠାତା ସମ୍ପାଦକ ଯୋଗେଶ୍ୱର ସାହୁ ଅତିଥି ପରିଚୟ ସହ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପରିଷଦ ସଦସ୍ୟ ସୁରଜ ବାରିକ,ଜାମୁଡିହା ସରପଞ୍ଚ ରଘୁନାଥ ସିଂ, ସରପଞ୍ଚ ତିଳତ୍ତମା ନାୟକ, ସରପଞ୍ଚ ଭୀମଚରଣ ସିଂ,ବନପାଳ ହିମାଂଶୁ ଶେଖର ମହାନ୍ତ ପ୍ରମୁଖ ଯୋଗ ଦେଇ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ଆବଶ୍ୟକତା ବିଷୟ ରେ ନିଜ ନିଜ ର ବକ୍ତବ୍ୟ ରଖିଥିଲେ। ପରିଚାଳନା ସଦସ୍ୟ ସୁଧାଂଶୁ ଶେଖର ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଶିକ୍ଷା କେନ୍ଦ୍ର ତରଫରୁ ବନମହୋତ୍ସବ କାର୍ଯ୍ୟକ୍ରମ ଅବସରରେ ସମସ୍ତ ଅତିଥି ଓ୍ ଅଭିଭାବକ ମାନଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ କୁ ସଦସ୍ୟ ବିଶ୍ୱେଶ୍ୱର ବେହେରା, ମନୋରଞ୍ଜନ ପାଢ଼ୀ, ଏବଂ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ।

# ପୂର୍ବ-ପଶ୍ଚିମ ମେଦିନୀପୁର ଓ ଝାଡଗ୍ରାମ ଜିଲାରେ ଉତ୍କଳ ସମ୍ମିଳନୀ ପକ୍ଷରୁ ପାଠ୍ୟ ପୁସ୍ତକ ବଣ୍ଟନ



ଜଳେଶ୍ୱର ୧୨/୭ (ନିପ୍ର) : ଅନ୍ୟବର୍ଷ ପରି ଚଳିତବର୍ଷ ମଧ୍ୟ ଉତ୍କଳ ସମ୍ମିଳନୀ ପକ୍ଷରୁ ବିଛିନ୍ନାଞ୍ଚଳରେ ଥିବା ବିଦ୍ୟାଳୟ ଗୁଡିକରେ ଓଡିଆ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଛି । କିନ୍ତୁ ଆନ୍ଧ୍ର, ଛତିଶଗଡ ଓ ଝାଡଖଣ୍ଡ ରାଜ୍ୟର ବିଦ୍ୟାଳୟ ଗୁଡିକରେ ସେଠାକାର ସରକାର ଓଡିଆ ଶିକ୍ଷକ ନିଯୁକ୍ତି ଓ ଓଡିଆ ଶିକ୍ଷାଦାନର ବ୍ୟବସ୍ଥା କରିଥିବା ବେଳେ ପଶ୍ଚିମ ବଂଗ ସରକାର ଏହାକୁ ଗ୍ରହଣ କରିନାହାନ୍ତି । ଫଳରେ ପଶ୍ଚିମବଂଗରେ ଥିବା ଶତାଧିକ ଚାଟଶାଳୀ ଖୋଲାଯାଇ ଓଡିଆ ଭାଷା ଶିକ୍ଷାଦାନର ବ୍ୟବସ୍ଥା ହୋଇଥିବା ସଂପର୍କରେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଂପାଦକ କମଳ ଚକ୍ରବର୍ତ୍ତୀ ପୁସ୍ତକ ବଣ୍ଟନ ଅବସରରେ କହିଛନ୍ତି । ଓଡିଆ ଭାଷାର ପ୍ରଚାର, ପ୍ରସାର ଲାଗି ଓଡିଶା ସରକାରଙ୍କ ପକ୍ଷରୁ ଉତ୍କଳ ସମ୍ମିଳନୀ ବିଚ୍ଛିନ୍ନାଞ୍ଚଳ ରାଜ୍ୟ ମାନଙ୍କରେ ତାର ପ୍ରୟାସ ଜାରି ରଖିଛି । ଫଳରେ ୩ଟି ରାଜ୍ୟରେ ସେଠାକାର ରାଜ୍ୟ ସରକାର ବିଦ୍ୟାଳୟ ଗୁଡିକରେ ଓଡିଆ ଶିକ୍ଷକ/ଶିକ୍ଷୟତ୍ରୀ ନିଯୁକ୍ତି କରିଥିବା ବେଳେ ପଶ୍ଚିମବଂଗ ସରକାରଙ୍କ ଅସହଯୋଗ ଯୋଗୁଁ ତାହା ହୋଇପାରିନାହିଁ । କିନ୍ତୁ ସମ୍ମିଳନୀ ପକ୍ଷରୁ ଉପାନ୍ତ ଅଂଚଳରେ ଥିବା ଓଡିଆ ବିବାହିତ ମହିଳା ମାନଙ୍କୁ ଚାଟଶାଳୀରେ ନିଯୁକ୍ତି ଦିଆଯାଇଛି । ଆଜି ଉତ୍କଳ ସମ୍ମିଳନୀ ପକ୍ଷରୁ ପୂର୍ବ ମେଦିନୀପୁର ଜିଲାର ଏଗ୍ରା ଠାରେ ୨୭ଟି ଚାଟଶାଳୀର ଶିକ୍ଷକ ମାନଙ୍କୁ ଓଡିଶା ସରକାରଙ୍କ ହସଖେଳ-୧, ହସଖେଳ-୨, ହସଖୁସି ପୁସ୍ତକ ବଣ୍ଟନ କରାଯାଇଛି । ସେହିପରି ପଶ୍ଚିମ ମେଦିନୀପୁର ଜିଲାର ତରରୋଇ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ସେଠାକାର ୪୮ଟି ଚାଟଶାଳୀ ଓ ଝାଡଗ୍ରାମ ଜିଲାର ନୟାଗ୍ରାମ ବ୍ଲକର ୨୦ଟି ଚାଟଶାଳୀର ଶିକ୍ଷୟତ୍ରୀଙ୍କୁ ପାଠ୍ୟପୁସ୍ତକ ବଣ୍ଟନ କରାଯାଇଛି । ଆୟୋଜିତ ସଭାରେ ଚାଟଶାଳୀ ସମୁହର ସୁପରଭାଇଜର ସୁବାସ ବେରା ଅଧ୍ୟକ୍ଷତା କରିଥିବା ବେଳେ କେନ୍ଦ୍ରୀୟ ସଂପାଦକ କମଳ ଚକ୍ରବର୍ତ୍ତୀ ଯୋଗ ଦେଇ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଚାଟଶାଳୀ ଶିକ୍ଷକ ମାନଙ୍କ ଦ୍ୱାରା ବିଚ୍ଛିନ୍ନାଞ୍ଚଳରେ ପ୍ରଚାର, ପ୍ରସାର କରାଯାଇପାରୁଥିବାରୁ ଧନ୍ୟବାଦ ଜଣାଇଥିଲେ । ଆସନ୍ତା ଦିନରେ ସେମାନଙ୍କୁ ଅଧିକ ସୁବିଧା ସୁଯୋଗ, ଆର୍ଥିକ ସହାୟତା ସହିତ ପୁସ୍ତକ ଯୋଗାଇ ଦେବାର ସୂଚନା ଦେଇଥିଲେ । ଗତ ୨୦୨୧-୨୨ ଶିକ୍ଷାବର୍ଷରେ ଶିକ୍ଷୟତ୍ରୀ ମାନଙ୍କ ଅନୁଦାନ ଦିଆଯାଇନଥିବାରୁ ଅବିଳମ୍ବେ ତାହା ପୁରଣ ଲାଗି ଉପସ୍ଥିତ ଚାଟଶାଳୀ ଶିକ୍ଷୟତ୍ରୀ ମାନେ ଦାବୀ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସମ୍ମିଳନୀର ସଦସ୍ୟ ରବିନ୍ଦ୍ର ବାରିକ, ସାମ୍ବାଦିକ ଅବନୀ ଚାନ୍ଦ, ରବିନାରାୟଣ ପାତ୍ର ବକ୍ତବ୍ୟ ରଖିଥିଲେ । ଏକି କାର୍ଯ୍ୟକ୍ରମରେ ପଶ୍ଚିମ ମେଦନୀପୁର ଜିଲାର ଅଭିମାନ ସେନ୍, ଚନ୍ଦନ କୁଇଲା, ପୂର୍ବ ମେଦିନୀପୁର ଜିଲାର ସମୀର ପତି, ମୋହିତ ଆଚାର୍ଯ୍ୟ ବକ୍ତବ୍ୟ ରଖିଥିବା ବେଳେ ସୁଶିଳା ଆଚାର୍ଯ୍ୟ, କବିତା ଜାନା, ଜୟସ୍ମିତା ଗିରି, ବିମଳା ପତି, ଇନ୍ଦୁମତୀ ଜାନା, ଫ୍ଲରେନ୍ସ ପରିଡା, ବାଣିପାଣି ଦାସ, ଅଂଜଳୀ ମାହତ, ମଇନା ଘୋଷ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


WALK-IN -INTERVIEW

Office of the Principal
Balasore Mahila College, Gopalgaon, Balasore
Mob No:-9040613301, E-mail:balasoremahilacollege 1982@gmail.com

Applicants having 55% marks in MA for the post of guest faculties in Political Science, Home Science & Economics and applicants having Master Degree in Library Science for the post of Asst. Librarian may attend the walk-in-interview along with their original certificates on purely contractual basis in college at 11.30 A.M. on 20.07.2024. No TA/DA will be paid for attending the interview.

Principal
Cum Secretary
Balasore Mahila College


# ୨୦ ନମ୍ବର ରାଜପଥରେ ଗୋଟିଏ ଦିନ ଜଳି ଲିଭିଲା ଲାଇଟ: ସାଧାରଣରେ ଅସନ୍ତୋଷ

କୋରେଇ, ୧୨/୭ (ନି.ପ୍ର): ପାଣିକୋଇଲି ଠାରୁ ଚାନ୍ଦପୁର ପର୍ଯ୍ୟନ୍ତ ୨୦ ନମ୍ବର ଜାତୀୟ ରାଜପଥରେ ଲଗାଯାଇଥିଲା ଲାଇଟ । ଏହି ଲାଇଟ ଦୀର୍ଘ ଦିନ ଧରି ନଜଳିବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଗତ ଜୁଲାଇ ଆଠ ତାରିଖ ଏହି ଲାଇଟ ଜଳିଥିଲା । ଫଳରେ ବଜାରବାସୀ ସେମାନଙ୍କର ବହୁ ଦିନର ଆବଶ୍ୟକତା ମେଂଟିଥିବାରୁ ଖୁସି ବ୍ୟକ୍ତ କରିଥିଲେ । ଏମିତିକି ବିଭାଗୀୟ ଅଧିକାରୀଙ୍କ କୃତଜ୍ଞତା ଜ୍ଞାପନ କରିଥିଲେ । କିନ୍ତ ବଡ ଦୁଃଖ ଓ ପରିତାପର ବିଷୟ ଏହି ଲାଇଟ ଗୁଡିକ ମାତ୍ର ଗୋଟିଏ ଦିନ ଜଳିବା ପରେ ଏବେ ଅନ୍ଧାର । ଯାହାକୁ ନେଇ ସାମାଜିକ କର୍ମୀ ତଥା ଯୁବ ନେତା ରାକେଶ କୁମାର ସାହୁ ଜାତୀୟ ରାଜପଥ ବିଭାଗ ନିକଟରେ ଅଭିଯୋଗ ଦାଖଲ କରିଛନ୍ତି । ଜନସାଧାରଣଙ୍କ ପ୍ରତି ବିଭାଗର ଦାୟିତ୍ୱ ହୀନତା ଯୋଗୁ ଏଭଳି ଅସୁବିଧା ଘଟିଛି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ମୋହନ ସରକାରର ପ୍ରଥମ....

ଅନ୍ତିମ କାମଚଳା ବଜେଟରେ ପୂରା ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୫୫ ହଜାର କୋଟି ଟଙ୍କାର ଯେଉଁ ବ୍ୟୟ ବରାଦ କରିଥିଲେ, ଏସବୁ ନୂଆ ଯୋଜନା ଲାଗୁହେଲେ ରାଜ୍ୟ ସରକାରଙ୍କୁ ପ୍ରାୟ ୬୬ ହଜାର କୋଟି ଟଙ୍କା ଅଧିକ ଦରକାର ହେବ। ଯଦିଓ ଓଡ଼ିଶା ଏବେ ବି ରାଜସ୍ୱ ବଳକା ରାଜ୍ୟ, ରାଜ୍ୟର ଋଣ ଭାର ମଧ ଦେଶରେ ସବୁଠୁ କମ୍, ତେବେ ନୂଆ ଯୋଜନା କାର୍ଯ୍ୟକାରୀ ଲାଗି ଆବଶ୍ୟକ ମୋଟା ପାଣ୍ଠିର ଯୋଗାଡ଼ କରିବା ସହ ସେସବୁର ସୁବିନିଯୋଗ ବଡ଼ ଚ୍ୟାଲେଞ୍ଜ ହୋଇପାରେ। ତେବେ ବଜେଟ୍ ପାଇଁ ନୂଆ ସରକାର ଅନଲାଇନ୍ ଓ ହ୍ୱାଟସଅପ ଜରିଆରେ ଲୋଡ଼ିଥିବା ମତାମତ ପାଇଁ ବେଶ ଆଗ୍ରହ ଦେଖାଇଛନ୍ତି ଜନ ସାଧାରଣ । ପ୍ରାୟ ୧୨ ହଜାରରୁ ଅଧିକ ଲୋକ କୁଭକ୍ଷସଭର ଜରିଆରେ ମତାମତ ଦେଇଛନ୍ତି, ଯାହାକି ପୂର୍ବ ଥର ତୁଳନାରେ ୬ ଗୁଣ ଅଧିକ। ଏଣୁ ମୋହନ ସରକାରର ପ୍ରଥମ ବଜେଟ୍‌ରୁ ସାଧାରଣ ଲୋକଙ୍କ ଆଶା ଢେର ଅଧିକ ଥିବା ସ୍ପଷ୍ଟ ହେଉଛି।

### ରୋକ୍‌ଠୋକ୍ ଶୁଣାଇଦେଲେ...

ଓ ନୀଳାଦ୍ରି ବିଜେ ସହ ରତ୍ନଭଣ୍ଡାର ଗଣତି ଓ ମଣତି ସହ ମରାମତି କାମ। ଯାହାକି ଅରବିନ୍ଦଙ୍କ ପାଇଁ ଏକରୁ ଆରେକ ବଡ଼ ବଡ଼ ଗୁରୁଦାୟିତ୍ୱ। ଶ୍ରୀମନ୍ଦିର ନୂଆ ମୁଖ୍ୟ ପ୍ରଶାସକଙ୍କ ଆଗରେ ରହିଛି ଆହୁରି ଅନେକ ଚ୍ୟାଲେଞ୍ଜ। ସେ ଗୁଡ଼ିକ ହେଲା ଠାକୁରଙ୍କ ନୀତିକାନ୍ତିରେ ଶୃଙ୍ଖଳା, ତରୁଣ-ପ୍ରବୀଣ ଓ ଅଭିଜ୍ଞ ସେବାୟତଙ୍କ ମଧ୍ୟରେ ସମନ୍ୱୟ ରକ୍ଷା, ୪ ଦ୍ୱାର ଖୋଲାଯିବା ପରେ ଶ୍ରୀମନ୍ଦିରରେ ଭିଡ଼ ନିୟନ୍ତ୍ରଣ, ଗଜପତି ମହାରାଜାଙ୍କ ପ୍ରସ୍ତାବ କ୍ରମେ ଅନ୍ନ ବ୍ରହ୍ମ ବ୍ୟବସ୍ଥାର ଶୁଭାରମ୍ଭ ସହ ଡ୍ରେସ୍ କୋଡ୍ ନିୟମ ଲାଗୁ ଏବଂ ପରିକ୍ରମା ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା। ଅବଶ୍ୟ ଶ୍ରୀମନ୍ଦିର ସମ୍ପର୍କିତ କୌଣସି ବିବାଦକୁ କିପରି ନିର୍ଣ୍ଣାୟକ ମୋଡକୁ ନିଆଯାଏ, ସେଥିରେ ଅରବିନ୍ଦ ସିଦ୍ଧହସ୍ତ। ପୂର୍ବରୁ ୨୦୧୨ରୁ ୨୦୧୪ ମସିହା ପର୍ଯ୍ୟନ୍ତ ଡକ୍ଟର ଅରବିନ୍ଦ ପାଢ଼ୀ ଏହି ଦାୟିତ୍ୱରେ ଥିବାବେଳେ ଏକ ବଡ଼ ବିବାଦ ଭାବେ ରଥ ଉପରକୁ ଚଢ଼ି ଭକ୍ତଙ୍କ ଦିଅଁ ଦର୍ଶନ ଓ ଠାକୁରଙ୍କୁ ସ୍ପର୍ଶ ଭଳି ବିବାଦର ସୁ-ସମାଧାନ ହୋଇପାରିଥିଲା। ତା’ସହ ଜବରଦଖଲକାରୀଙ୍କ କବଜାରେ ଥିବା ଠାକୁରଙ୍କ ଜମି ଶ୍ରୀମନ୍ଦିର ପ୍ରଶାସନ ଖାତାକୁ ଫେରିବା ବାଟ ସଫା ହୋଇଥିଲା। ଯେହେତୁ ପ୍ରମୁଖ ସେବାୟତମାନଙ୍କ ସହ ଅରବିନ୍ଦ ପାଢୀଙ୍କର ବ୍ୟକ୍ତିଗତ ସଂପର୍କ ରହିଛି। ତେଣୁ ଶ୍ରୀମନ୍ଦିରରେ କୌଣସି ନୂତନ ଧାରା ସ୍ଥାପିତ କରିବାକୁ ହେଲେ ତାଙ୍କୁ ଏତେଟା ଅସୁବିଧା ହୋଇନପାରେ। କିନ୍ତୁ ଆଗକୁ ରତ୍ନଭଣ୍ଡାର ଗଣତି- ମଣତି ଓ ମରାମତି ସହ ଠାକୁରଙ୍କ ଅଳଙ୍କାର ସୁରକ୍ଷା ତାଙ୍କ ପାଇଁ ହୋଇପାରେ ସବୁଠୁ ବଡ଼ ଦାୟିତ୍ୱ। ରତ୍ନଅଳଙ୍କାର ସ୍ଥାନାନ୍ତର ସହ ବାହାରୁ ଦକ୍ଷ ବଣିଆଙ୍କୁ ଆଣି ଏସବୁର ମୂଲ୍ୟାୟନ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ହେବ। ଯେହେତୁ ନୂଆ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଜଣେ ଓଡ଼ିଆ ଓ ମହାପ୍ରଭୁଙ୍କ ପ୍ରତି ତାଙ୍କର ସମର୍ପଣ ଭାବ ରହିଛି- ତେଣୁ ତାଙ୍କ ଦ୍ୱାରା ଶ୍ରୀମନ୍ଦିରରେ ଅନେକ ସଂସ୍କାର ଆସିବ ବୋଲି ଆଶା ରଖିଛନ୍ତି ସେବାୟତ। ଶ୍ରୀମନ୍ଦିର ପାଇଁ ଜଣେ ସ୍ଥାୟୀ ମୁଖ୍ୟ ପ୍ରଶାସକ ନିଯୁକ୍ତି ଦେବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ହେଲେ ଅରବିନ୍ଦ ପାଢ଼ୀ ଏବେ ମଧ ଆହୁରି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗ କୃଷି ଓ ବୟନଶିଳ୍ପ ସଚିବ ପଦରେ ଅଛନ୍ତି।

### ରାଜଧାନୀର ବାର୍ ମାଲିକଙ୍କୁ ....

କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଫାଇନ୍ ଇମ୍ପୋଜ କରାଯିବ। ଚେକିଂ ସମୟରେ ଏକ ବାରରେ ଅବକାରୀ ଅଧୀକ୍ଷକଙ୍କୁ ଜଣେ ବାର୍ ମାଲିକ ଅସଦାଚରଣ କରିଥିଲେ। ତାଙ୍କୁ ଗିରଫ କରାଯିବା ସହ ସୋ କଜ୍ ନୋଟିସ୍ ମଗାଯାଇଛି। ସବୁ ବାରକୁ ଦିଆଯାଇଛି ଚେତାବନୀ। ସମସ୍ତେ ନିୟମ ମାନିବାକୁ ବାଧ୍ୟ। ଯିଏ ମହିଳା ମାନଙ୍କୁ ଅସଦାଚରଣ କରିବେ ତାଙ୍କ ବିରୋଧରେ ଦୃଢ଼ କର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅବକାରୀ କମିଶନର ନରସିଂହ ଭୋଳ କହିଛନ୍ତି।

### ବିଜେଡି ନେତାଙ୍କ...

କିଛି କାମ ହୋଇନି। ମନ୍ତ୍ରୀଙ୍କ ଭିତରେ ତାଳମେଳ ରହୁନି। ଜଣେ ମନ୍ତ୍ରୀ ଗୋଟିଏ କଥା କହିଲେ, ଆଉ ଜଣେ ମନ୍ତ୍ରୀ ଆଉ ଗୋଟିଏ କଥା କହୁଛନ୍ତି। ଖାଲି ରଙ୍ଗ ଓ ନାଁ ବଦଳାଇବାରେ ଲାଗିଛନ୍ତି। ଏହା ଭିତରେ ବହୁ କିଛି ଅନର୍ଥ ଘଟିଛି। ଶ୍ରୀମନ୍ଦିରରେ ଯେଉଁଭଳି ଭାବରେ ବଡ଼ ଠାକୁର ଖସି ପଡ଼ିଲେ, ତାହା କେବେ ଅତିତରେ ଘଟିନଥିଲା। ଏଥିପାଇଁ ଓଡ଼ିଶା ବିଶ୍ୱ ଦରବାରରେ ଲଜ୍ଜିତ ହୋଇଛନ୍ତି ବୋଲି ନୃସିଂହ ଚରଣ ସାହୁ।

### ୧୧ରୁ ୯ ଆସନ ପୋଛି ....

ମାହାୟୁତି ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ। କିନ୍ତୁ ଏବେ ମେଣ୍ଟ ବିଧାନ ପରିଷଦ ନିର୍ବାଚନରେ ବାଉନ୍ସ ବ୍ୟାକ କରିଛି। ବିଜେପି ପକ୍ଷରୁ ପଙ୍କଜା ମୁଣ୍ଡେଙ୍କ ସମେତ ୫ ଜଣଙ୍କୁ ପ୍ରାର୍ଥୀ କରାଯାଇଥିଲା। ସମସ୍ତେ ବିଜୟୀ ହୋଇଛନ୍ତି। ସିନ୍ଦେ ସେନା ୨ଟି ଓ ଅଜିତ ପାୱାରଙ୍କ ଏନସିପି ୨ଟି ଆସନରେ ପ୍ରାର୍ଥୀ ଦେଇଥିଲେ। ଏହି ୪ ଆସନରେ ମଧ ମେଣ୍ଟ ବାଜିମାତ କରିଛି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ ବିଧାନ ପରିଷଦ ଇଲେକସନକୁ ସେମି ଫାଇନାଲ ଭାବେ ବିବେଚନା କରାଯାଉଥିଲା। ଏଥିରେ ମାହାୟୁତିର ବିଜୟ ହୋଇଛି। ରେଜଲ୍ଟ ଉପରେ ପ୍ରତିକ୍ରିୟା ଦେଇ ଅଜିତ ପାୱାର କହିଛନ୍ତି, “ଦଳ ବାହାରେ ୫ ଜଣ ବିଧାୟକ ଆମକୁ ସମର୍ଥନ ଦେଇଛନ୍ତି। ମୁଁ ସେମାନଙ୍କୁ ଧନ୍ୟବାଦ ଦେଉଛି। ନିର୍ବାଚନ ବେଳେ ଅଭିଯୋଗ ଲାଗିବା ସ୍ୱାଭାବିକ ଘଟଣା। କିନ୍ତୁ ମୁଁ ସେସବୁକୁ ଖାତିର କରେନି। ମାହାୟୁତି ବିଧାନସଭା ନିର୍ବାଚନରେ ଭଲ ଏପରି ପୂର୍ଣ୍ଣ ସଫଳତା ପାଇବ।” ଆଜି ୧୧ ବିଧାନ ପରିଷଦ ଆସନ ପାଇଁ ଭୋଟ ହୋଇଥିବା ବେଳେ ୧୨ ଜଣ ପ୍ରାର୍ଥୀ ନିଜର ଭାଗ୍ୟ ପରୀକ୍ଷା କରୁଥିଲେ। ଏପରି ରେଜଲ୍ଟ ଆସିବା ସ୍ୱାଭାବିକ ଥିଲା। କାରଣ ବିଧାନ ପରିଷଦର ସଦସ୍ୟମାନେ ବିଧାୟକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାଆନ୍ତି। ଯେକୌଣସି ପାର୍ଟିର ୨୩ ଜଣ ବିଧାୟକ ରହିଛନ୍ତି, ସେହି ଦଳ ଗୋଟିଏ ବିଧାନ ପରିଷଦ ଆସନ ପାଇଁ ପ୍ରାର୍ଥୀ ଦେଇ ପାରିବ। ବିଜେପି ପାଖରେ ୧୦୩ ବିଧାୟକ ଥିବା ବେଳେ ଦଳ ୫ ଜଣଙ୍କୁ ପ୍ରାର୍ଥୀ କରିଥିଲା। ଦଳ ୪ଟି ସିଟ୍ ଅନାୟଶରେ ଜିତିବାକୁ ଥିବା ବେଳେ ୫ମ ଆସନ ପାଇଁ ଆଉ ୧୨ଟି ଭୋଟ ଆବଶ୍ୟକ କରୁଥିଲା। ସିନ୍ଦେ ସେନା ପାଖରେ ୩୭ ଜଣ ବିଧାୟକ ଥିଲେ। ଏହାର ଅର୍ଥ ୯ ବିଧାୟକ ଆବଶ୍ୟକ ରହୁଥିଲା। ଅଜିତ ପାୱାରଙ୍କ ପାଖରେ ୩୯ ଜଣ ଥିବା ବେଳେ ଏହା ୨ଟି ଆସନ ଜିତିବା ପାଇଁ ୭ଟି ଭୋଟ ପଛରେ ଥିଲା। ଏହାର ଅର୍ଥ ମେଣ୍ଟ ୯ଟି ଆସନ ପାଇଁ ନିଜର ବିଧାୟକଙ୍କ ବ୍ୟତୀତ ଆଉ ୨୮ଟି ଭୋଟ ଆବଶ୍ୟକ କରୁଥିଲା। କଂଗ୍ରେସ ପାଖରେ ୩୭ ଜଣ ବିଧାୟକ ଥିବା ବେଳେ ଦଳ କେବଳ ଜଣଙ୍କୁ ପ୍ରାର୍ଥୀ କରିଥିଲା। ଏହାର ଅର୍ଥ ଦଳ ପାଖରେ ନିଜର ସହଯୋଗୀଙ୍କ ପାଇଁ ଅତିରିକ୍ତ ୧୪ ଜଣ ବିଧାୟକଙ୍କ ଭୋଟ ରହିଥିଲା। ଶରଦ ପାୱାରଙ୍କ ଏନସିନି ଜୟନ୍ତ ପାଟିଲଙ୍କୁ ସମର୍ଥନ କରୁଥିଲା। କିନ୍ତୁ ଦଳ ପାଖରେ ୧୩ ଜଣ ବିଧାୟକ ରହିଥିଲେ। ଉଦ୍ଧବ ଠାକରେଙ୍କ ପାଖରେ ୮ ଭୋଟ କମ ଥିଲେ ହେଁ ଦଳ ଜଣଙ୍କୁ ପ୍ରାର୍ଥୀ କରିଥିଲା। ମହାରାଷ୍ଟ୍ର ବିଧାନସଭାରେ ସମାଜବାଦୀ ପାର୍ଟିର ୨ ଜଣ, ଓୱେସୀଙ୍କ ପାର୍ଟିର ୨ ଜଣ ଓ ସିପିଆଇଏମର ଜଣେ ଓ ଜଣେ ସ୍ୱାଧୀନ ବିଧାୟକ ରହିଛନ୍ତି। ଏହି ୬ ଭୋଟ ପରେ ମଧ ମାହାୟୁତି କିମ୍ବା ମହା ବିକାଶ ଅଘାଡ଼ି ପୂର୍ଣ୍ଣ ବହୁମତ ପାଇବାର ସମ୍ଭାବନା ନଥିଲା। ତେଣୁ ବିଧାନ ପରିଷଦ ନିର୍ବାଚନରେ କ୍ରସ ଭୋଟିଂ ହୋଇଛି। ମହା ବିକାଶ ଅଘାଡ଼ିର ୫ ଜଣ ବିଧାୟକ ମାହାୟୁତିକୁ ଭୋଟ ଦେଇଛନ୍ତି।

### ପୂର୍ବତନ ମୁଖ୍ୟମନ୍ତ୍ରୀ...

୩୨୬, ୪୬୫, ୫୦୬ ଭଳି ଦଫାରେ ମାମଲା ରୁଜୁ କରିଛି। ୨୦୨୧ ମସିହା ମେ’ ମାସରେ ଆନ୍ଧ୍ର ପ୍ରଦେଶ ସିଆଇଡି ତାଙ୍କୁ ହାଇଦ୍ରାବାଦରୁ ଗିରଫ କରିଥିଲା। ଗିରଫ ପରେ ତାଙ୍କୁ ହାଇଦ୍ରାବାଦର ସ୍ଥାନୀୟ କୋର୍ଟରେ ହାଜର କରି ଟ୍ରାଞ୍ଜିଟ ଆରେଷ୍ଟ ୱାରେଣ୍ଟ ସିଆଇଡି ଆଣିବା କଥା। କିନ୍ତୁ ଆରଆରଆରଙ୍କୁ ସିଆଇଡି ଅଧିକାରୀମାନେ ସିଧା ଗୁଣ୍ଟୁର ନେଇ ଯାଇଥିଲେ। ଏହାପରେ ତାଙ୍କୁ ସିଆଇଡି ଅଫିସର ପିଭି ସୁନୀଲ କୁମାର, ପିଏସଆର ଅଞ୍ଜନୟୁଲୁ ଓ ଆଉ କିଛି ଅଧିକାରୀ ବେଲ୍ଟ ଏବଂ ଲାଠିରେ ମାଡ଼ ମାରିଥିଲେ। ତାଙ୍କୁ ହୃଦଘାତ ସମ୍ପର୍କିତ ମେଡିସିନ ମଧ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜଗନଙ୍କ ନିର୍ଦ୍ଦେଶରେ ଦିଆଯାଇ ନଥିଲା। ପୁଲିସ ଅଧିକାରୀମାନେ ତାଙ୍କୁ ମାରି ଦେବାକୁ ଉଦ୍ୟମ କରିଥିଲେ। ତାଙ୍କ ଠାରୁ ମୋବାଇଲ ଛଡ଼ା ନେଇ ଯାଇଥିଲେ ଓ ପାସ୍‌ୱାର୍ଡ ନ ଦେବା ଯାଏ ତାଙ୍କ ମାଡ଼ ମରା ଯାଇଥିଲା ବୋଲି ଆରଆରଆର ଅଭିଯୋଗ କରିଛନ୍ତି।

### ଭେଟିବା ପାଇଁ ଆଧାର...

ସ୍ଥିତ ଘରେ ଭେଟିପାରିବେ। ସେହିପରି ମଣ୍ଡିର ଲୋକମାନେ ସହରରେ ଥିବା ମୋ ଅଫିସକୁ ଆସିବେ। କୌଣସି କାମ ପାଇଁ ଭେଟିବାକୁ ଆସିଲେ ଭଲ।” ତେବେ ଭେଟିବା ପାଇଁ କଙ୍ଗନା ଆଧାର କାର୍ଡର ସର୍ତ୍ତ ରଖିଥିବାରୁ ଏହାକୁ କଂଗ୍ରେସ ସମାଲୋଚନା କରିଛି। କଙ୍ଗନାଙ୍କ ଠାରୁ ମଣ୍ଡି ଆସନରେ ପରାସ୍ତ ହୋଇଥିବା କଂଗ୍ରେସୀ ବିକ୍ରମାଦିତ୍ୟ ସିଂହ କହିଛନ୍ତି, “ଆମେ ଲୋକମାନଙ୍କ ପ୍ରତିନିଧି। ତେଣୁ ରାଜ୍ୟର ପ୍ରତି ବର୍ଗର ଲୋକଙ୍କୁ ଭେଟିବା ଆମର ଦାୟିତ୍ୱ। ଛୋଟ ହେଉକି ବଡ଼, କୌଣସି ନୀତି ହେଉ କି ବ୍ୟକ୍ତିଗତ କାମ, ଭେଟିବା ପାଇଁ ପରିଚୟର ଆବଶ୍ୟକ ନାହିଁ। ଯଦି ଜଣେ ନିଜର ଲୋକପ୍ରତିନିଧିଙ୍କୁ ଭେଟିବାକୁ ଆସୁଛନ୍ତି, ନିଶ୍ଚିତ ତାଙ୍କର କିଛି କାମ ଥିବ। ଭେଟଘାଟ ପାଇଁ ଆଧାର କାର୍ଡ ଓ କାଗଜ ଧରି ଆସିବାକୁ କହିବା ଠିକ ନୁହେଁ।”

### ୨୫ ଯାଏ ବିଚାର....

ଭିଡିଓ କନଫରେନ୍ସିଂ ଜରିଆରେ ହାଜର ହୋଇଥିଲେ। ଏହାପୂର୍ବରୁ ଅବକାରୀ ନୀତି ଦୁର୍ନୀତି ମାମଲାରେ ଇଡି ରୁଜୁ କରିଥିବା କେସ୍‌ରେ ସୁପ୍ରିମକୋର୍ଟ କେଜ୍ରିୱାଲଙ୍କୁ ଜାମିନ ଦେଇଥିଲେ। ହେଲେ ଜୁନ ୨୬ରେ ତାଙ୍କୁ ସିବିଆଇ ଗିରଫ କରିଥିବାରୁ ସେ ଜେଲରୁ ବାହାରି ପାରି ନାହାନ୍ତି। ସିବିଆଇ କହିଛି ଯେ ଅବକାରୀ ନୀତି ଦୁର୍ନୀତି ମାଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ହେଉଛନ୍ତି କେଜ୍ରିୱାଲ। ତାଙ୍କ ସହଯୋଗୀ ବିଜୟ ନାଏର ବିଭିନ୍ନ ମଦ ବ୍ୟବସାୟୀଙ୍କ ଯୋଗାଯୋଗରେ ରହିଥିଲେ। ସେ ଆପ୍ ପାଇଁ ପାଣ୍ଠି ସଂଗ୍ରହଣ କରୁଥିଲେ ବୋଲି ସିବିଆଇ କହିଛି। ସିବିଆଇ ଏହାପୂର୍ବରୁ ଦାଖଲ କରିଥିବା ଚାର୍ଜଶିଟରେ ଦାବି କରିଥିଲା ଯେ ଆପ୍ ଗ୍ରହଣ କରିଥିବା ୧୦୦ କୋଟି ଟଙ୍କାର ଲାଞ୍ଚରୁ ୪୪.୪୫ କୋଟି ଟଙ୍କା ଦଳ ଗୋଆ ନିର୍ବାଚନରେ ଖର୍ଚ୍ଚ କରିଥିଲା। ହାୱାଲା ଚ୍ୟାନେଲ ଦ୍ୱାରା ଏପରି ଟଙ୍କା କାରବାର ହୋଇଥିଲା। କିନ୍ତୁ ଏଯାଏ ସିବିଆଇ ଏହାର ନିର୍ଦ୍ଦିଷ୍ଟ ପ୍ରମାଣ କୋର୍ଟରେ ଉପସ୍ଥାପନ କରିପାରି ନାହିଁ।

ଶନିବାର, ଜୁଲାଇ ୧୩, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ୧୫ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକୀପତ୍ର ପ୍ରଦାନ

ନୀଳଗିରି , ୧୨/୭ (ନି.ପ୍ର): ସି ଆଇ ଟି ୟୁ ର ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ, ୧୫ଦଫା ଦାବୀ ନେଇ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ , ଏକ ସ୍ମାରକୀ ପତ୍ର ପ୍ରଦାନ କରାଯାଇଛି । ଗତ ୧୧ ତାରିଖ ପୂର୍ବାହ୍ନ ୧୦ଘଟିକା ସମୟରେ ବାଲେଶ୍ୱର ରେଳ ଷ୍ଟେସନ ରୁ ଏକ ବିରାଟ ପାଟୁଆରାରେ ପଦ ଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ, ମଟର ୟୁନିୟନ ର ସାଧାରଣ ସମ୍ପାଦକ ରାଜକିଶୋର ଲେଙ୍କାଙ୍କ ସଭାପତିତ୍ୱ ରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ବିଶେଷ କରି ଦରଦାମ ବୃଦ୍ଧି ନିୟନ୍ତ୍ରଣ, ବନ୍ଦ ହୋଇ ପଡିଥିବା ସମସ୍ତ କଳ କାରଖାନା ଅବିଳମ୍ବେ ଖୋଲିବା, ଶିକ୍ଷିତ ବେକାରିଙ୍କୁ ନିଯୁକ୍ତି ପ୍ରଦାନ, ନୂତନ ଶ୍ରମକାର୍ଡ ପ୍ରତ୍ୟାହାର, ଶ୍ରମିକଙ୍କ ମାସିକ ସର୍ବନିମ୍ନ ଦରମା ୨୬ହଜାର ଟଙ୍କା, ୮ ଘଣ୍ଟା ଶ୍ରମଦାନ ର ଗ୍ୟାରେଣ୍ଟି, ପୂର୍ବ ସରକାରଙ୍କ ପ୍ରଚଳିତ ସମସ୍ତ ଯୋଜନାକୁ କାର୍ଯ୍ୟକାରୀ କରାଇବା, ଖାଲି ପଡ଼ିଥିବା ପଦବୀ ପୂରଣ ପ୍ରମୁଖ ୧୫ ଦଫା ସମ୍ବଳିତ ଏକ ଦାବି ପତ୍ର ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସିଆଇଟିୟୁ ଜିଲ୍ଲା ଆବାହକ ବିଜୟ ପାତ୍ର, କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ଉପରେ ଆଲୋଚନା କରିଥିଲେ । ପାଟିକା ସଂଘର ରାଜ୍ୟ ସାଧାରଣ ସମ୍ପାଦିକା ଇସାନି ଷଡ଼ଙ୍ଗୀ ପାଟିକା ମାନଙ୍କର ସାଧାରଣ ସମସ୍ୟା ସରକାରଙ୍କ ଠାରେ ସ୍ମାରକ ପତ୍ର ମାଧ୍ୟମରେ ଉତ୍ଥାପନ କରିବା ସହିତ ସରକାରୀ ମାନ୍ୟତା ଦେବାକୁ ଦାବି କରିଥିଲେ । ପରେ ଦାବି ପତ୍ର ଜିଲ୍ଲାପାଳ ଆଶିଷ ଠାକରେ ଙ୍କୁ ଦିଆଯାଇଥିବା ବେଳେ, ମାନ୍ୟବର ମୁଖ୍ୟମନ୍ତ୍ରୀ ସମସ୍ତ ଦାବି କୁ ପୂରଣ ଦିଗରେ ବିହିତ ପଦକ୍ଷେପ ନେବାକୁ ପତ୍ର ମାଧ୍ୟମରେ ବିନମ୍ର ଅନୁରୋଧ କରାଯାଇ ଥିଲା ।ଏହି ଧର୍ମ ଘଟ ସ୍ଥଳୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣିମା ବେହେରା, ମୃତ୍ୟୁଞ୍ଜୟ ରାଉତ, ମମତା ବେହେରା, ମନ୍ମଥ ବେହେରା, ଉମାକାନ୍ତ ରାଉତ, ରମାନାଥ ରଣା, ସୁଶାନ୍ତ ଜେନା, ବସନ୍ତ ମାଝୀ, ମିନତି ମହାନ୍ତି, ଅମରେନ୍ଦ୍ର ନାୟକ, ଦୀପ୍ତିମାନ ଆଚାର୍ଯ୍ୟ, ପଲଟୁ ଦାସ ସମେତ ବହୁ ସାଥି ଉପସ୍ଥିତ ଥିଲେ ।

# କୁକୁଡ଼ା ଚିଆଁ ବଣ୍ଟନରେ ପାତର ଅନ୍ତର: ଗଣ୍ଡଗୋଳ

ବାଲିଆପାଳ, ୧୨/୭ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତରେ କୁକୁଡ଼ାଚିଆଁ ବଣ୍ଟନକୁ ନେଇ ହିତାଧିକାରୀ ଚିଆଁ ଗାଡ଼ି ସହିତ ରେମୁ ଅଙ୍ଗନ ୱାର୍ଡି କର୍ମୀଙ୍କୁ ଅଟକ ରଖିଛନ୍ତି। ଏହାକୁ କେନ୍ଦ୍ର କରି ସେଠାରେ ଗଣ୍ଡଗୋଳ ହୋଇଛି। ସୂଚନାଯୋଗ୍ୟ ସରକାରଙ୍କ ତରଫରୁ ଅଙ୍ଗନ ୱାର୍ଡି ରେ ପଢୁଥିବା ପିଲାମାନଙ୍କ ମଧ୍ୟରୁ ଅପପୁଷ୍ଟି, ରକ୍ତହୀନତା, ଭିନ୍ନକ୍ଷମଙ୍କୁ କୁକୁଡ଼ା ଚିଆଁ ମିଳିବା କଥା । ମାତ୍ର ଏଠାରେ ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନଥିବାରୁ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅଙ୍ଗନ୍ ୱାର୍ଡି କର୍ମୀଙ୍କ ପାତର ଅନ୍ତର ନୀତି ଯୋଗୁଁ ଯୋଗ୍ୟ



ହିତାଧିକାରୀ ପିଲାମାନେ କୁକୁଡ଼ା ଚିଆଁ ପାଇବାରୁ ବଞ୍ଚିତ ହୋଇଥିଲେ। ଏନେଇ ସେମାନେ ଚିଆଁ ଚାହିଁବାରୁ ଗଣ୍ଡଗୋଳ ସୂତ୍ର ପାତ ହୋଇଥିଲା। ଗ୍ରାମ ବାସୀ ଚିଆଁ ବଣ୍ଟନକୁ ବନ୍ଦ କରି ଥିଲେ। ଅଙ୍ଗନ ୱାର୍ଡି କର୍ମୀ ଗୀତାଞ୍ଜଳି ସି ଙ୍କୁ ପଚାରିବାରୁ ଉପରୁ ଆସିଥିବା ତାଲିକା ମୂଳେ ଚିଆଁ ବଣ୍ଟନ କରାଯାଇଛି ବୋଲି କହିଛନ୍ତି।

# ଦିଲ୍ଲୀରେ ରେଳମନ୍ତ୍ରୀଙ୍କୁ ଭେଟିଲେ ରାଜସ୍ୱମନ୍ତ୍ରୀ

ଭୁବନେଶ୍ୱର, ୧୨/୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ୨୦୧୪ ମସିହାରେ ଶାସନକୁ ଆସିବା ପରେ ପୂର୍ବଦ୍ୟୋୟ ଭାରତର ବିକାଶକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି ଏବଂ ଏଥି ସହ ଓଡିଶାର ବିକାଶକୁ ଅଗ୍ରାଧିକାର ଦେଉଛନ୍ତି । ବିଶେଷ ଭାବେ ରେଳବାଇ ବିକାଶ କ୍ଷେତ୍ରରେ ମୋଦି ସରକାରଙ୍କ ଅବଦାନ ଅତୁଳନୀୟ । ରେଳଯାତ୍ରୀଙ୍କ ସୁବିଧା ଓ ଗମନାଗମନ ସହିତ ରେଳବାଇ ପରିବହନ ବ୍ୟବସ୍ଥାକୁ ଆହୁରି ଅଧିକ ସୁଦୃଢ କରିବା ପାଇଁ ଗତ ୧୦ ବର୍ଷରେ ମୋଦି ସରକାର ଓଡିଶାକୁ ପର୍ଯ୍ୟାପ୍ତ ପରିମାଣର ଆର୍ଥୀକ ଅନୁଦାନ ଦେଇଛନ୍ତି । ରେଳ ପରିବହନ କ୍ଷେତ୍ରରେ ଓଡିଶାର ଭୂମିକା ବୃଦ୍ଧି ପାଇବ ଏବଂ ଆର୍ଥୀକ କ୍ଷେତ୍ରରେ ଓଡିଶା ଆହୁରି ସୁଦୃଢ ହୋଇପାରିବ ବୋଲି ମୋଦିଜୀ ସଂକଳ୍ପବଦ୍ଧ । କିନ୍ତୁ ଓଡ଼ିଶାର ବିଜେଡି ସରକାରରେ ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଏକ ପ୍ରମୁଖ ସମସ୍ୟା ଥିଲା । ଏହି ପ୍ରସଙ୍ଗରେ ଆଗାମୀ ଦିନରେ ରେଳ ବିଭାଗ, ରାଜସ୍ୱ ବିଭାଗ, ଜଙ୍ଗଲ ବିଭାଗର ଅଧିକାରୀମାନଙ୍କ ସହିତ ସମସ୍ତ ପ୍ରକଳ୍ପର ଅଗ୍ରଗତି ବାବଦରେ ଏକ ସମୀକ୍ଷା ବୈଠକ କରାଯିବ । ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ତ ବିଭାଗ ନିଜ ନିଜର କାର୍ଯ୍ୟ ସମାପନ କରିବା ଉପରେ ଗୁରୁତ୍ୱ ଦେଇଥିଲେ ବୋଲି ଦିଲ୍ଲୀରେ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଆଲୋଚନା କରିଛନ୍ତି ।

# ଋଣ ଶୁଝି ନପାରି ଆତ୍ମହତ୍ୟାର ଚରମ ନିଷ୍ପତ୍ତି ନେଲେ ଦମ୍ପତି: ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ନୀଳଗିରି , ୧୨/୭ (ନି.ପ୍ର): ଋଣ ବୋଝ ସହିତ ଋଣଦାତାଙ୍କ ଅତ୍ୟଧିକ ଜୁଲମ୍ କୁ ସହି ନପାରି ଶେଷରେ ବିଷ ପିଇ ଆତ୍ମହତ୍ୟା କରିବାର ଚରମ ନିଷ୍ପତ୍ତି ନେଇଛନ୍ତି ଦମ୍ପତି। ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳଗିରି ଥାନା କେ. ପି. ଲାଖରାଜ ପଞ୍ଚାୟତ ଚଣ୍ଡୀପୁର ଗ୍ରାମର ଜୟକୃଷ୍ଣ ନନ୍ଦଦେବ ଗୋସ୍ୱାମୀଙ୍କ ପୁଅ ସ୍ୱରୂପାନନ୍ଦ ଦେବଗୋସ୍ୱାମୀ(୪୫)ଏବଂ ତାଙ୍କ ପତ୍ନୀ ସୁଶ୍ରୀ ସଂଗୀତା ଦେବଗୋସ୍ୱାମୀ(୪୦)। ସୂଚନା ଅନୁଯାୟୀ ଉଭୟ ପତି ପତ୍ନୀ କିଛି ବେସରକାରୀ ସଂସ୍ଥା ଯଥା ବିସ୍ତାରା, ବନ୍ଧନ ସହିତ ଗ୍ରୁପ୍ ରୁ ଋଣ ଆଣି ହଲର୍ ଓ ମୁଢ଼ି ଭଜା ମେସିନ ପକାଇ ଗୁଜୁରାଣ ମେଣ୍ଟାଉ ଥିଲେ। ମାତ୍ର ଉକ୍ତ ସଂସ୍ଥାରେ ତାଙ୍କର ପ୍ରଭୂତ କ୍ଷତି ହେବା ଫଳରେ ଋଣ ଶୁଝି ପାରିନଥିଲେ। ଏପଟେ ଋଣ ପ୍ରଦାନକାରୀ ସଂସ୍ଥା ଋଣ ପରିଶୋଧ ପାଇଁ ବାରମ୍ବାର ଜୁଲମ କରିବା ପରେ ଶେଷରେ ଲୋକଲଜ୍ୟାକୁ କୁ ଡରି ଗତ ବୁଧବାର ରାତିରେ ବିଷ ପିଇ ଆତ୍ମହତ୍ୟା କରିବାର ଚରମ ନିଷ୍ପତି ନେଇଥିଲେ। ଉଭୟ ବିଷ ପାଇବାର କିଛି ସମୟ ପରେ ଅତ୍ୟଧିକ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ସ୍ୱରିପାନନ୍ଦଙ୍କ ବାପା ଘଟଣା ସ୍ଥଳରେ ପହଞ୍ଚି ବୋହୂଙ୍କୁ ପଚାରି ବୁଝିଥିଲେ। ବୋହୂ



ବିଷ ପିଇ ଦେଇଥିବା କହିବା ପରେ ଉଭୟଙ୍କୁ ୧୦୮ଆମ୍ବୁଲାନ୍ସ ଯୋଗେ ପ୍ରଥମେ ନୀଳଗିରି ହସ୍ପିଟାଲ ଆଣିଥିଲେ। ଗୁରୁତର ହେବାରୁ ତୁରନ୍ତ ଉଭୟଙ୍କୁ ବାଲେଶ୍ୱର ମେଡିକାଲ କଲେଜ ରେମୁଣା ସ୍ଥାନାନ୍ତର କରାଯାଇଥିଲା। ସେଠାରୁ କଟକ ବଡ଼ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଉଭୟଙ୍କୁ ପରିବାର ଲୋକେ ଭୁବନେଶ୍ୱର ସ୍ଥିତ କିମ୍ସ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତି ୯.୧୫ମିନିଟ ସମୟରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ତାଙ୍କୁ ପୁରୀ ସ୍ୱର୍ଗଦ୍ୱାର ନେଇ ଶେଷକୃତ୍ୟ କରାଯାଇଥିବା ବେଳେ ସ୍ୱାମୀ ଗୁରୁତର ଅବସ୍ଥାରେ ଭେଣ୍ଟିଲେଟର ରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କର ଦୁଇଟି ସନ୍ତାନ ଥିବା ବେଳେ ପୁଅ+୨ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏକମାତ୍ର ଝିଅ ୬ଷ୍ଠ ଶ୍ରେଣୀରେ ପଢୁଥିବା ଜଣାଯାଇଛି।

# ପାରାଦୀପ ନଗର କଂଗ୍ରେସ ସଭାପତି ହେଲେ କେଦାରନାଥ ବିଶ୍ୱାଳ

ପାରାଦୀପ, ୧୨/୭ (ନି.ପ୍ର): ପାରାଦୀପ ନଗର କଂଗ୍ରେସ୍ ସଭାପତି ଭାବେ ଯୁବନେତା କେଦାରନାଥ ବିଶ୍ୱାଳଙ୍କୁ ରାଜ୍ୟ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି । ଏ ସମ୍ପର୍କରେ ଜିଲ୍ଲା ସଭାପତି ନଟବର ବାରିକଙ୍କୁ ପ୍ରଦେଶ କଂଗ୍ରେସ୍ ଉପସଭାପତି ଶିବାନନ୍ଦ ରାୟ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି । ଶ୍ରୀ ବିଶ୍ୱାଳ ପାରାଦୀପ ମହାବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି । ଛାତ୍ର କଂଗ୍ରେସରୁ ରାଜନୀତି ଆରମ୍ଭ କରିଥିବା ଶ୍ରୀ ବିଶ୍ୱାଳ କଂଗ୍ରେସ ଦଳ ସହିତ ସବୁ ବେଳେ ରହି ଆସିଛନ୍ତି । ଦୀର୍ଘ



ବର୍ଷ ଧରି ସକ୍ରିୟ ରାଜନୀତିରେ ରହି ଆସିଥିବା ଶ୍ରୀ ବିଶ୍ୱାଳ ଗତ ସାଧାରଣ ନିର୍ବାଚନରେ ସକ୍ରିୟ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପାରାଦୀପରେ କଂଗ୍ରେସ୍ ଏବେ ଯେଉଁ କଠିନ ସମୟ ଦେଇ ଗତି କରୁଛି ତାହା ସମସ୍ତେ ଜାଣିଛନ୍ତି । ଏହି ସମୟରୁ ବାହାରି ଆଗକୁ ବଢିବା ପାଇଁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ପ୍ରକାଶଥାଉକି, ସାଧାରଣ ନିର୍ବାଚନ ପୂର୍ବରୁ ନଗର କଂଗ୍ରେସ୍ ସଭାପତି ଦାୟିତ୍ୱରେ ଥିବା ବାପି ସାର୍ଖେଲଙ୍କ ଏକାନ୍ତ ଅନୁଗତ ଅନୁପ କୁମାର ସାହାଣୀ ଦଳ ଛାଡି ବିଜେଡିରେ ସାମିଲ ହୋଇଥିଲେ। ଫଳରେ କଂଗ୍ରେସ୍ ପ୍ରାର୍ଥୀ ନିରଂଜନ ନାୟକ ପୁରୁଖା କଂଗ୍ରେସ୍ କର୍ମୀଙ୍କ ଭରସାରେ ନିର୍ବାଚନ ବୈତରଣୀ ପାର ହୋଇଥିଲେ । କେଦାରନାଥ ବିଶ୍ୱାଳ ନୂତନ ସଭାପତି ଭାବେ ଦାୟିତ୍ୱ ନେବା ପରେ କର୍ମୀ ମହଲରେ ଉତ୍ସାହ ଦେଖା ଦେଇଛି ।

# ଆତ୍ମ ନିର୍ଭରଶୀଳ ଓ ନିଯୁକ୍ତି ସୁଯୋଗ ପାଇଁ ଶିଶୁଙ୍କ ଶିକ୍ଷା ପରାମର୍ଶ ଶୀର୍ଷକ କର୍ମଶାଳା




ଭଦ୍ରକ, ୧୨/୭ (ନି.ପ୍ର): ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ "ସଂଯୋଗ" କଟକ ତରଫରୁ ଆୟୋଜିତ ଶିଶୁ ପରାମର୍ଶ ସେବା ଶୀର୍ଷକ କାର୍ଯ୍ୟକ୍ରମ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଶିଶୁ ମଙ୍ଗଳ କମିଟିଙ୍କ ମିଳିତ ସହଯୋଗରେ ଶିଶୁ ଅନୁଷ୍ଠାନର ଅନ୍ତେବାସୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି ଏହି ଅବସରରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡ. ଦେବରାଜ ପାଣିଗ୍ରାହୀଙ୍କୁ ଅତିଥି ରୂପେ ଯୋଗଦାନ କରିଥିବା ବେଳେ ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ, ଅଣ ଆନୁଷ୍ଠାନିକ ଅଧିକାରୀଣୀ ସ୍ୱାଗତିକା ବାରିକ, ଆନୁଷ୍ଠାନିକ ଅଧିକାରୀ ବିଶ୍ୱ ନାରାୟଣ ପଣ୍ଡା ସମେତ ଶିଶୁ ମଙ୍ଗଳ କମିଟିର ସଦସ୍ୟ ଅମର ବାରିକ ଯୋଗଦାନ କରିଥିଲେ। ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟା ସିଂହ ପ୍ରାରମ୍ଭିକ ସୂଚନା ଉଦ୍ଦେଶ୍ୟଜ୍ଞାପନ ସହ ମଂଚ ପରିଚାଳନା କରିଥିଲେ। ବିଷୟ ବିଶାରଦ ରୂପେ ରାମ କିଶୋର ଶର୍ମା ଯୋଗଦାନ କରି ଶିଶୁ ତଥା ଶିକ୍ଷା ପରାମର୍ଶ ପାଇଁ ବିଭିନ୍ନ କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିଥିବା ସଂସ୍ଥା, ଶିଶୁଙ୍କ ମନୋଭାବ ଥିବା ନିର୍ଣ୍ଣୟ କରି ଆତ୍ମ ନିର୍ଭରଶୀଳ ପାଇଁ ପ୍ରତିଷ୍ଠାନ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଉଦାହରଣ ସହ ଶିଶୁମାନେ କେଉଁ ଶିକ୍ଷା ଗ୍ରହଣ କରିପାରିବେ, ଜୀବନ କୌଶଳ, ପିଲାମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରିବାର ମନୋଭାବ, ବୈଷୟିକ ଶିକ୍ଷା ପାଇଁ ସୁଯୋଗ ବାଳିକା ମାନଙ୍କ ପାଇଁ କେଉଁ କ୍ଷେତ୍ର ଇତ୍ୟାଦି ଉପରେ ବିଷଦ ଆଲୋଚନା ପ୍ରଶ୍ନ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଆଜିର ଯାନ୍ତ୍ରିକ ଯୁଗରେ ଶିଶୁମାନେ ସକ୍ରିୟ ଏବଂ ଦକ୍ଷଶୀଳ ହେବାପାଇଁ ପ୍ରମୁଖ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ସ୍ତରରେ ପଞ୍ଜୀକୃତ ସମସ୍ତ ଶିଶୁ ଅନୁଷ୍ଠାନର ଅନ୍ତେବାସୀ, କର୍ମକର୍ତ୍ତା ଯୋଗଦାନ କରିଥିଲେ। ସଂଯୋଗର ମଣ୍ଡଳ ସଂଯୋଜକ ଜଗନ୍ନାଥ ସାହୁ, ରିଙ୍କୁ ବିଶ୍ୱାଳ, ବିକାଶ ମହାନ୍ତିଙ୍କ ସମେତ ଶିଶୁ ଅନୁଷ୍ଠାନର ରିୟାଜ ଅହମ୍ମଦ, ରଶ୍ମି ରଞ୍ଜନ ବେହେରା, ସସ୍ମିତା ନାୟକ, ଧନଞ୍ଜୟ ଜେନା, ସତ୍ୟଦେବ ପାତ୍ର, ଦିଗନ୍ତ ବେହେରା ପ୍ରମୁଖ କର୍ମଶାଳାରେ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ ଶିଶୁ ସୁରକ୍ଷା ଶାଖାର ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନଦୀରେ ମାଛ ଧରିବା ବେଳେ ମହିଳାଙ୍କ ସଲିଳ ସମାଧି

ବସ୍ତା, ୧୨/୭ (ନି.ପ୍ର): ଶୁକ୍ରବାର ସକାଳେ ନଦୀରେ ମାଛ ଧରିବା ବେଳେ ଜନୈକ ଯୁବ ମହିଳା ବୁଡି ଯାଇ ପ୍ରାଣ ହରାଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଯେ ବସ୍ତା ଥାନା ପଞ୍ଚୁପଡା ଗ୍ରାମନିବାସୀ କାଳି ଚରଣ ଦାସଙ୍କ ସ୍ତ୍ରୀ ପ୍ରମିଳା(୩୫ ବର୍ଷ) ସ୍ଥାନୀୟ ପଞ୍ଚୁପଡା ନଦୀକୁ ମାଛ ଧରିବା ପାଇଁ ଯାଇଥିଲେ।ଗଭୀର ପାଣିରେ ତାଙ୍କ ଗୋଡ ଖସି ଯିବାରୁ ସେ ବୁଡି ଯାଇଥିଲେ। ଘର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କ ମୃତ ଦେହ ମିଳିଥିଲା। ତାଙ୍କର ଦୁଇ ଜଣ ପିଲା ଅଛନ୍ତି। ଏ ସମ୍ପର୍କରେ ବସ୍ତା ପୁଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ଏଥିନେଇ ଗ୍ରାମରେ ଶୋକ ପ୍ରକାଶ ପାଇଛି।

# ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ବାଲେଶ୍ୱର, ୧୨/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ଏକ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ତିନିବର୍ଷ ଧରି ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବାଲେଶ୍ୱରର ବହୁ କୃଷି ବୈଜ୍ଞାନିକ, କୃଷିବିତ୍, ବୁଦ୍ଧିଜୀବୀ ଓ କୃଷକ ସଂଗଠନମାନେ ଦାବି କରିଆସୁଛନ୍ତି। ଏଥିପାଇଁ ସମସ୍ତ ବ୍ଲକ୍ ଓ ଜିଲ୍ଲାସ୍ତରୀୟ ଏକ ସମିତି ଗଠିତ ହୋଇ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ନିମିତ୍ତ ଦାବି କରିଆସୁଛନ୍ତି। ବର୍ତ୍ତମାନ ରାଜ୍ୟରେ ଶାସନ କ୍ଷମତା ରାଜନୈତିକ ଦଳ ଗତ ସାଧାରଣ ନିର୍ବାଚନରେ ବାଲେଶ୍ୱରରେ କୃଷି ଓ କୃଷକର ସ୍ୱାର୍ଥପାଇଁ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବାଲେଶ୍ୱର କୃଷି ମହାବିଦ୍ୟାଳୟ ଓ କୃଷି ଗବେଷଣା କ୍ଷେତ୍ର ପ୍ରତିଷ୍ଠା ସମିତି ପକ୍ଷରୁ ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ସମେତ ନିରଞ୍ଜନ ପରିଡ଼ା, ପ୍ରଫୁଲ୍ଲ କୁମାର ଦାସ, ମନୋଜ ବେହେରା ଓ ଭାସ୍କର ଚନ୍ଦ୍ର ପାଢ଼ି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ଓଜନ ଓ ଉଚ୍ଚତା ନିରୀକ୍ଷଣ ତାଲିମ କାର୍ଯ୍ୟକ୍ରମ



ବାରିପଦା, ୧୨/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଶିଶୁଙ୍କ ଉଚ୍ଚତା ଓ ଓଜନ ମାପ କାର୍ଯ୍ୟକ୍ରମକୁ ସମ୍ପାଦିତ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଉଦ୍ୟମ ଜାରି ରହିଛି। ଏହି କାର୍ଯ୍ୟ ସମ୍ପାଦନା ପାଇଁ ମଧ ଅଙ୍ଗନବାଡି କର୍ମୀ ମାନଙ୍କର ଜ୍ଞାନବୃଦ୍ଧିର ଆବଶ୍ୟକତା ରହିଛି। ଏଣୁ ଏହି ପରିପ୍ରେକ୍ଷୀରେ ବାରିପଦା ସ୍ଥିତ ଜିଲ୍ଲା ପଞ୍ଚାୟତ ଉତ୍ସ କେନ୍ଦ୍ରଠାରେ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ଅନୁକୁଲ୍ୟରେ ଚଳିତ ୯ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ୪ ଦିନିଆ ଜିଲ୍ଲା ସ୍ତରୀୟ ଶିଶୁ ଓଜନ ଓ ଉଚ୍ଚତା ନିରୀକ୍ଷଣ ତାଲିମ କାର୍ଯ୍ୟକ୍ରମ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ତାଲିମ ଶିବିରର ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗ ଦେଇଥିବା ବେଳେ ଦ୍ୱିତୀୟ ଦିନରେ ସ୍ଥାନୀୟ ମାନ୍ୟବର ବିଧାୟକ ଶ୍ରୀ ପ୍ରକାଶ ସୋରେନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସୂଚନା ଥାଉକି, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପରେ କାର୍ଯ୍ୟ କରୁଥିବା ଅଧିକାରୀ ମାନଙ୍କୁ ଏଥିରେ ସାମିଲ କରା ଯାଇଛି। 'ସବୁ ସ୍ତରର ଅଧିକାରୀ ମାନଙ୍କର ତ୍ୱରିତ ପଦକ୍ଷେପ ଓ ସମନ୍ୱୟ ରହିଲେ ଏହି କାର୍ଯ୍ୟ ସଫଳ ହୋଇପାରିବ ' ବୋଲି ବିଧାୟକ ମହୋଦୟ ତାଙ୍କ ଭାଷଣ ମାଧ୍ୟମରେ କହିଥିଲେ। ଗୋଷ୍ଠୀ ସ୍ତରରେ କାମକରୁଥିବା କର୍ମୀମାନଙ୍କର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ।ସେମାନଙ୍କ ନିକଟରୁ ସଠିକ ତଥ୍ୟ ଆସିଲେ କାର୍ଯ୍ୟକ୍ରମ ର ସଫଳ ରୂପାୟନ ସମ୍ଭବପର ହୋଇପାରିବ ବୋଲି ଜିଲ୍ଲାପାଳ ଶ୍ରୀ ଶିନ୍ଦେ ନିଜ ବକ୍ତବ୍ୟରେ କହିଥିଲେ। ଜିଲ୍ଲା ସମାଜ ମଙ୍ଗଳ ବିଭାଗର ପ୍ରତ୍ୟକ୍ଷ ତ୍ୱତାବଧାନରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ସିଂଙ୍କୁ ଏହି କାର୍ଯ୍ୟକ୍ରମ ସଂଚାଳନ କରିଥିବା ବେଳେ ରାଜ୍ୟସ୍ତରୀୟ ସାଧନକର୍ମୀ ସୁଦୀପ ଦାଶ ଓ ତାରିଣୀ ପ୍ରସାଦ ମିଶ୍ର ଏହି ତାଲିମ ଶିବିରକୁ ଆୟୋଜନ ତଥା ପରିଚାଳନା କରିଥିଲେ।

# ବନ ମହୋତ୍ସବ ଓ ବିଶ୍ୱ ଜନସଂଖ୍ୟା ନିୟନ୍ତ୍ରଣ ଦିବସ ପାଳିତ




ବଡ଼ସାହିବ , ୧୨/୭ (ନି.ପ୍ର): ପାଟଳିପୁରା ଗ୍ରାମ ପଞ୍ଚାୟତର କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଜନ ସଂଖ୍ୟା ନିୟନ୍ତ୍ରଣ ଦିବସ ଓ ୭୫ତମ ବନ ମହୋତ୍ସବ ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବେତନଟୀ ବନାଞ୍ଚଳ ଅଧିକାରୀ ମନୱାର ଖାଁ, ସମ୍ମାନିତ ଅତିଥି ଭାବରେ ଆଲୁମିନୀ ସଭାପତି ସର୍ବେଶ୍ୱର ମହାନ୍ତି, ମୁଖ୍ୟ ବକ୍ତା ଭାବରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଗଡଦେଉଳିଆ ଶାଖାର ମ୍ୟାନେଜର ଶ୍ରୀମତୀ ପଙ୍କଜିନୀ ସେଠୀ, ସମ୍ମାନିତ ବକ୍ତା ଭାବରେ ଓଷ୍ଟା ବେତନଟୀ ବ୍ଲକର ଉପସଭାପତି ଶିଶିର କୁମାର ନାୟକ, ବେତନଟୀ ସାମ୍ବାଦିକ ସଂଘ ର ଉପ ସଭାପତି ଗତିକୃଷ୍ଣ ମହାନ୍ତ ଯୋଗଦାନ କରି କ୍ଷିପ୍ର ଜନସଂଖ୍ୟା ବୃଦ୍ଧି ପରିବେଶ ଧ୍ୱଂସର ପ୍ରମୁଖ କାରଣ ବୋଲି କହି ଏହାର ନିରାକରଣ ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଅତ୍ୟାବଶକ ବୋଲି କହିଥିଲେ । ଏହି ଅବସରରେ ଜନସଂଖ୍ୟା ନିୟନ୍ତ୍ରଣ ଓ ପରିବେଶ ସୁରକ୍ଷା ଉପରେ ଆଧାରିତ ବକ୍ତୃତା, ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଏବଂ ମୁଖ୍ୟ ବକ୍ତାଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବନରକ୍ଷୀ ଉତ୍ତମ କୁମାର ଦାସ, ପ୍ରିୟଙ୍କା ସାହୁ. ଓ.ଏଫ. ଡି. ସି ର ରଂଜିତା କର, ଶିକ୍ଷୟିତ୍ରୀ ରିତାରାଣୀ ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଇକୋ କ୍ଲବର ଜିଲ୍ଲା ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତ । ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ଅତିଥି ମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ଚାରା ବିତରଣ କରାଯାଇଥିଲା । ଧନ୍ୟବାଦ ଅର୍ପଣ କରୁଥିଲେ ଶିକ୍ଷକ ଚତୁର୍ଭୁଜ ମଲ୍ଲିକ । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଂଶ ଗ୍ରହଣ କରିଥିଲେ ।

# ଶ୍ରୀଜଙ୍ଗ ପଞ୍ଚାୟତର ମହମଦାବଦ୍ ଗ୍ରାମର ମା' ଗୁଣ୍ଡିଚା ମନ୍ଦିର ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ଶ୍ରୀଜଙ୍ଗ, ୧୨/୭ (ନି.ପ୍ର): ଶ୍ରୀଜଙ୍ଗ ପଞ୍ଚାୟତର ମହମଦାବଦ୍ ଗ୍ରାମର ମା ଗୁଣ୍ଡିଚା ମନ୍ଦିର ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି,ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ନାରାୟଣ ମହାନ୍ତ,ମଣ୍ଡଳ ସଭାପତି ବିଭୂତି ଭୂଷଣ ସେନାପତି,କୃଷ୍ଣ ଚନ୍ଦ୍ର ସାହା ଅନ୍ୟ ମାନଙ୍କ ମଧ୍ୟରେ ବସନ୍ତ କୁମାର ମହାନ୍ତି, ନକୁଳ ଚନ୍ଦ୍ର ପରିଡା,ସୁରେଶ ମହାନ୍ତି,ପ୍ରହ୍ଲାଦ ମହାନ୍ତି,ଡମ୍ବରୁ ସାହୁ,ମାନସ ମହାନ୍ତି, ନିରୋଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଗଛ ଆମ ପରିବେଶ ପାଇଁ ଏକାନ୍ତ ଆବଶ୍ୟକ। ଦିନକୁ ଦିନ ବଢୁଥିବା ବାୟୋ ଏବଂ ପରିବେଶ ପ୍ରଦୂଷଣ କୁ ରୁକିବା ପାଇଁ ଆମେ ପ୍ରତ୍ୟେକେ ଗଛ ଲଗାଇବା ନିହାତି ଆବଶ୍ୟକ ବୁଲି ବିଧାୟକ ଉପସ୍ଥିତ ଲୋକଙ୍କୁ କହିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo